## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ 'ନିମନ୍ତ୍ରଣ' ଲଗ୍ନ

# ନୀଳଗିରି ଶ୍ରୀଜଗନ୍ନାଥ ମନ୍ଦିର ଓ ଚନ୍ଦନେଶ୍ୱର ମହାଦେବ ମନ୍ଦିରକୁ ନିମନ୍ତ୍ରଣ





**ବାଲେଶ୍ୱର, ୨୬ ।୧୨(ସମିସ):**

ଜାନୁଆରୀ ୧୭ ତାରିଖରେ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ 'ନିମନ୍ତ୍ରଣ' ଲଗ୍ନ ଆଜି ଶ୍ରୀମନ୍ଦିର ଠାରୁ ଆରମ୍ଭ ହୋଇଛି। ବିଭିନ୍ନ ଜିଲ୍ଲା ପାଇଁ ୩୦ଟି ଟିମରେ ୧୨୪ଜଣ ସେବାୟତ ସାମିଲ ରହିଛନ୍ତି। ତେବେ ଏହି ନିମନ୍ତ୍ରଣ ପତ୍ର ଧରି ଆଜି ବାଲେଶ୍ୱରକୁ ଶ୍ରୀମନ୍ଦିରର ୩ ଜଣିଆ ସେବାୟତ ଶ୍ରୀମନ୍ଦିରର ମୁଖ୍ୟ ଶିଙ୍ଗାଡି ସଞ୍ଜୟ କୁମାର ଦତ୍ତମହାପାତ୍ରଙ୍କ ନେତୃତ୍ୱରେ ମୁଖ୍ୟ ଶିଙ୍ଗାର କୁନୁଦତ୍ତ ମହାପାତ୍ର ଏବଂ ବୟଜ୍ୟୋଷ୍ଠ ସେବାୟତ ଗଦାଧର ଆପଟ ପହଞ୍ଚିଛନ୍ତି। ଏହା ସହ ସେମାନେ ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଶ୍ରୀ ଜଗନ୍ନାଥ ମନ୍ଦିର ଏବଂ ଚନ୍ଦନେଶ୍ୱର ମହାଦେବ ମନ୍ଦିରର ମୁଖ୍ୟ ପୂଜକଙ୍କୁ ଏହି ନିମନ୍ତ୍ରଣ ପତ୍ର ଜିଲ୍ଲାପାଳଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ଜାନୁଆରୀ ୧୭ତାରିଖରେ ଶ୍ରୀ ମନ୍ଦିର ପ୍ରକଳ୍ପର ଲୋକାର୍ପଣ ହେବ। ଆଉ ଏହା ଓଡ଼ିଶା ସହ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ଇତିହାସରେ ଯୋଡି ହେବ ସ୍ୱର୍ଣ୍ଣିମ ଫର୍ଦ୍ଦ। ଏହି ଭବ୍ୟ ଆୟୋଜନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ଆୟୋଜନ ଆରମ୍ଭ ହୋଇଛି। ଏଥିପାଇଁ ୩୦ଟି ଟିମରେ ୧୨୪ଜଣ ସେବାୟତ ନିୟୋଜିତ ହୋଇଥିବା ବେଳେ ସେମାନେ ପ୍ରତ୍ୟେକ ଜିଲ୍ଲାକୁ ଯାଇ ମନ୍ଦିର ଗୁଡିକରେ ନିମନ୍ତ୍ରଣ ପତ୍ର ପ୍ରଦାନ କରିବେ। ଏହି କ୍ରମରେ ଆଜି ସନ୍ଧ୍ୟାରେ ବାଲେଶ୍ୱର ଠାରେ ପହଞ୍ଚିଛନ୍ତି ଶ୍ରୀମନ୍ଦିରର ସେବାୟତମାନେ। ପ୍ରଥମେ ତାଙ୍କୁ ବାଲେଶ୍ୱର ଜିଲ୍ଲା ସିମୁଳିଆ ଠାରେ ସ୍ୱାଗତ କରାଯିବା ପରେ ସନ୍ଧ୍ୟାରେ ଜିଲ୍ଲା ପ୍ରଶାସନ ପକ୍ଷରୁ

### ● ବାଲେଶ୍ୱରରେ ଶ୍ରୀମନ୍ଦିରର ୩ ଜଣିଆ ସେବାୟତ

ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ସନ୍ଧ୍ୟା ୬ଟା ପାଖାପାଖି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯିବା ସହ ଭଜନ ସଂକୀର୍ତ୍ତନରେ ପାଛୋଟି ନିଆଯାଇଥିଲା। ଏହି ଅବସରରେ ସେବାୟତ ଦଳର ମୁଖ୍ୟ ଶିଙ୍ଗାରି ଶ୍ରୀଦତ୍ତ ମହାପାତ୍ର କହିଛନ୍ତି ଯେ, ବିଶ୍ୱର ମାଲିକ ହେଉଛନ୍ତି ଶ୍ରୀ ଜଗନ୍ନାଥ। ଚାରିଧାମର ମାଲିକ ହେଉଛନ୍ତି ଶ୍ରୀ ଜଗନ୍ନାଥ। ଏଣୁ ମହାପ୍ରଭୁଙ୍କର ୧୭ ତାରିଖରେ ପ୍ରକଳ୍ପର ଲୋକାର୍ପଣ ହେବ ସେଥିପାଇଁ ସାରା ଓଡ଼ିଶା ଓ ଭାରତ ବର୍ଷରେ ଯେଉଁ ବଡ ବଡ ମନ୍ଦିରମାନ ରହିଛି ସେଠି ନିମନ୍ତ୍ରଣ କରାଯିବ। ଏଣୁ ଆମେ ଆଜି ବାଲେଶ୍ୱର ଜିଲ୍ଲା ଗସ୍ତରେ ଆସିଛୁ। ପ୍ରଶାସନ ସହାୟତାରେ ଜିଲ୍ଲାର ଦୁଇଟି ମନ୍ଦିରରେ ନିମନ୍ତ୍ରଣ କରିବୁ। ନିମନ୍ତ୍ରଣ ପାଇଁ ମହାପ୍ରଭୁଙ୍କର ଫୁଲ, ତୁଳସୀ, ଚନ୍ଦନ, ନିମନ୍ତ୍ରଣ କାର୍ଡ ସହିତ ଅଙ୍ଗଲାଗି ଜନିଷ ନେଇ ଆସିଛନ୍ତି ବୋଲି କହିଛନ୍ତି। ଏହାଛଡା ଉକ୍ତ ଦିନ ସମସ୍ତେ ଘର ଆଗରେ ପୂର୍ଣ୍ଣ କଳସ ବସାଇବା ସହ ଆମିଷ ନ ଖାଇବାକୁ ନିବେଦନ ମଧ୍ୟ କରିଛନ୍ତି। ବିଶେଷ କରି ନୀଳଗିରି ଶ୍ରୀ ଜଗନ୍ନାଥ ମନ୍ଦିର ଏବଂ ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିର ପାଇଁ ଏହି ନିମନ୍ତ୍ରଣ କରାଯାଇଛି ବୋଲି କହିଛନ୍ତି। ପରେ ସେଠାରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ନୀଳଗିରି ଶ୍ରୀ ଜଗନ୍ନାଥ ମନ୍ଦିରର ବ୍ରହ୍ମା ସରୋଜ କୁମାର ନନ୍ଦ, ବ୍ରହ୍ମା ପୂର୍ଣ୍ଣଶ୍ଳୋକ ନନ୍ଦ, ପ୍ରହରାଜ ହରନାରାୟଣ ନନ୍ଦ ଏବଂ ହରିବନ୍ଧୁ କରଙ୍କୁ ଏହି ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିରର ବୁଦ୍ଧଦେବ ପଣ୍ଡା, ଗୌତମଲାଲ ପଣ୍ଡା ଏବଂ ଅଶୋକ ପଣ୍ଡାଙ୍କୁ ଏହି ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓସାହେବ ସିନ୍ଦେ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୌରାଧ୍ୟକ୍ଷ ସବିତା ସାହୁ, ଅତିରିକ୍ତ ଜିଲ୍ଲା ସୁଧାକର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ପୂର୍ବତନ ଉପନଗରପାଳ ମନୋଜ ରାଉତଙ୍କ ସମେତ ପୁରୀ ଶ୍ରୀ ମନ୍ଦିର ସେବାୟତଙ୍କ ସାଙ୍ଗରେ ଆସିଥିବା ଅଧିକାରୀ ନିତିଶ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।





## କବିବର ଫିଟ୍‌ନେସ୍ ସେଣ୍ଟର ଉଦ୍‌ଘାଟିତ



**ସୋର, ୨୬।୧୨(ସମିସ):** ସୋର ରାଧାନାଥ ପାଠାଗାର ଆନୁକୂଲ୍ୟରେ ରାଧାନାଥ ସ୍ମୃତି ମଣ୍ଡପ ଉପର ମହଲାରେ ନିର୍ମିତ କବିବର ଫିଟନେସ ସେଣ୍ଟରକୁ ସୋର ବିଧାୟକ ତଥା ପାଠାଗାର ସଭାପତି ପର୍ଶୁରାମ ଧଡ଼ା ଉଦଘାଟନ କରିଛନ୍ତି। ଏହି ଫିଟନେସ ସେଣ୍ଟର ଦ୍ୱାରା ବରିଷ୍ଠ ନାଗରିକ ମାନେ ପ୍ରତିଦିନ ଏଠାରେ ସେମାନଙ୍କର ସ୍ୱାସ୍ଥ୍ୟର ସୁରକ୍ଷା କରିବା ସହିତ ବାର୍ଦ୍ଧକ୍ୟ ଜନିତ ଯନ୍ତ୍ରଣାରୁ ମୁକ୍ତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ପାଠାଗାର ସମ୍ପାଦକ ଦାମୋଦର ଦାଶମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ପାଠାଗାର ଉପସଭାପତି ନବକିଶୋର ଦାସ, ଉଦ୍ଧବ ଚରଣ ବିଶ୍ୱାଳ ଉପସ୍ଥିତ ଥିଲେ। ଶେଷରେ ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅନନ୍ତ କୁମାର ଘୋଷଙ୍କୁ ମିଳିବ ଉପେନ୍ଦ୍ରନାଥ ସମ୍ମାନ



**ସୋର, ୨୬।୧୨(ସମିସ):** ୨୦୨୩ ମସିହା ପାଇଁ ଉପେନ୍ଦ୍ରନାଥ ସମ୍ମାନ ପାଇବେ ଅନନ୍ତ କୁମାର ଘୋଷ। ପ୍ରତିବର୍ଷ ଓଡ଼ିଶାରେ ଶିକ୍ଷା ଅନୁଷ୍ଠାନ ଗଢିଥିବା ଜଣେ ମହାନ ବ୍ୟକ୍ତିଙ୍କୁ ଶିକ୍ଷାଗୁରୁ ଉପେନ୍ଦ୍ରନାଥ ପ୍ରଧାନ ସ୍ମୃତି ପରିଷଦ ଆନୁକୂଲ୍ୟରେ ଉପେନ୍ଦ୍ରନାଥ ସମ୍ମାନ ପ୍ରଦାନ କରାଯାଇଥାଏ। ବାଲେଶ୍ୱର ଜିଲ୍ଲା ଗୋବରଘାଟା ନିବାସୀ ୭୦ ବର୍ଷୀୟ ଶ୍ରୀ ଘୋଷ ନିଜ ପିତାଙ୍କ ସ୍ମୃତିରେ ନିଜ ଗ୍ରାମରେ ଯଦୁନାଥ ସୀମାନ୍ତ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ସେ ଜଣେ ସୁସଂଗଠକ ଓ ଜଣେ ଅନୁଷ୍ଠାନ ଅନୁରାଗି ମଣିଷ। ଆସନ୍ତା ୨୮ ଡିସେମ୍ବର ଗୁରୁବାର ଦିନ ଉପେନ୍ଦ୍ର ସମାରୋହ ଅବସରରେ ସୋର ଶିକ୍ଷକ ଭବନ ଠାରେ ଶ୍ରୀ ଘୋଷଙ୍କୁ ସମ୍ମାନିତ କରିବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ଓ ଆମ ଓଡ଼ିଶାର ସମ୍ପାଦକ ସ୍ୱରାଜ ମିଶ୍ର।

## ସ୍ୱାସ୍ଥ୍ୟ ଶିବିର ଏବଂ ବସ୍ତ୍ର ବଣ୍ଟନ



**ବାଲେଶ୍ୱର/ନୀଳଗିରି, ୨୬।୧୨(ସମିସ):** ହସ ପରିବାର ପକ୍ଷରୁ ନୀଳଗିରି ପୋଡାସୁଳ କୁମ୍ଭାର ସାହିରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଫାର୍ମାସିଷ୍ଟ ଦୀନବନ୍ଧୁ ଦାସ, ମନୋଜ ଦାସ, ଧରିତ୍ରୀ ମହାପାତ୍ର, ଶରତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କର ମଧୁମେହ ପରୀକ୍ଷା କରିବା ସହ ରକ୍ତଚାପ ମାପି ଔଷଧ ଦେଇଥିଲେ। ଏତଦ୍ ବ୍ୟତିତ ସେମାନଙ୍କ ବିଭିନ୍ନ ପ୍ରକାର ରୋଗପାଇଁ ମାଗଣା ଔଷଧ ମଧ୍ୟ ପ୍ରଦାନ କରିଥିଲେ। ପରେ ସେଠାରେ ଗରିବ ଲୋକମାନଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟ ହସ ପରିବାରର ସଭାପତି ଗୋପାଳ ଜେନା, ବରିଷ୍ଠ ସଦସ୍ୟ ଅନିଲ ପଟ୍ଟନାୟକ, ସମ୍ପାଦକ ବ୍ରହ୍ମନାଥ ରଥ, ପରେଶ ଦାଶ, ମଦନ ବର୍ଦ୍ଧନ ଓ ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ଉତ୍ତମ ସେବା ପାଇଁ ଅନୁଷ୍ଠାନ ପକ୍ଷରୁ ଦୀନବନ୍ଧୁ ଦାସ ଓ ମଦନ ବର୍ଦ୍ଧନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହସ ପରିବାରର ୫୫ଜଣ ସଦସ୍ୟ ଭାଗ ନେଇଥିଲେ।

## ପିଡିଏସ୍ ଡିଲରଙ୍କ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ



**ସୋର, ୨୬।୧୨(ସମିସ):** ସମଗ୍ର ଭାରତରେ ପିଡିଏସ ଡିଲରମାନେ ବିଭିନ୍ନ ଦାବି ନେଇ ବିକ୍ଷୋଭ କରିଥିବା ବେଳେ ବାଲେଶ୍ୱର ଜିଲା ପିଡିଏସ ଡିଲର ସଂଘ ନିର୍ଦ୍ଦେଶରେ ସୋର ବ୍ଲକ ପିଡିଏସ ଡିଲରମାନେ ବ୍ଲକରେ ଥିବା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ସୋର ବ୍ଲକ ସଭାପତି ଗୋପୀନାଥ ବାରିକ ଓ ସମ୍ପାଦକ ବୁଦ୍ଧିରାମ ବିଶ୍ୱାଳଙ୍କ ନେତୃତ୍ୱରେ ସୋର ବ୍ଲକର ସମସ୍ତ ପିଡ଼ିଏସ ଡିଲରମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ନଅ ଦଫା ବିଶିଷ୍ଟ ଦାବିପତ୍ର ସୋର ବିଡିଓଙ୍କୁ ପ୍ରଦାନ କରିଥିଲେ। ସେହିପରି ସୋର ପୌରାଞ୍ଚଳ ଅନ୍ତର୍ଗତ ସମସ୍ତ ପିଡିଏସ ଡିଲରମାନେ ପୌରାଧ୍ୟକ୍ଷ ମାଧବ ଧଡ଼ା ଓ ସୋର ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ସମସ୍ତ ଡିଲରମାନେ ଉପସ୍ଥିତ ଥିଲେ। ସମସ୍ତ ଡିଲରମାନେ ଡିସେମ୍ବର ୧ ତାରିଖରୁ କଳାବ୍ୟାଜ ପରିଧାନ କରିଥିବା ବେଳେ ଆସନ୍ତା ଜାନୁଆରୀ ୧ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ରାସନ ସାମଗ୍ରୀ ପ୍ରଦାନ ନ କରି ଦୋକାନ ଓ ମେସିନ ବନ୍ଦ ରଖାଯିବ ବୋଲି ସଭାପତି ଓ ସମ୍ପାଦକ କହିଛନ୍ତି।

## ନୂଆ-ଓ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବାଲେଶ୍ୱର, ୨୬ ।୧୨(ସମିସ): ବାଲେଶ୍ୱର ମହିଳା କଲେଜ ପକ୍ଷରୁ ସ୍ଥାନୀୟ ପରମିଟ ପଡ଼ିଆଠାରେ ଅନୁଷ୍ଠିତ ହେଉଥିବା ନୂଆ ଓ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୫ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ସୀମାରେଖା ଭୋଇ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ଦୁଇ ନୋଡାଲ ଅଫିସର ଚିତ୍ତରଞ୍ଜନ ସାନ୍ତରା ଓ ଯୁକ୍ତ ତିନି ନୋଡାଲ ଅଫିସର ସୁଶାନ୍ତ ମଣ୍ଡଳ ଏହାକୁ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷ ସବିତା ସାହୁ ଯୋଗଦେଇ ଯୁବ ଓଡ଼ିଶା ନବୀନ ଓଡ଼ିଶା ନୂଆ ଓ କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ମତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଅମୃତାଂଶୁ ପଟ୍ଟନାୟକ ପରିଚାଳନା କରିଥିଲେ।

## ମଦ ସହ ସ୍କୁଟି ଜବତ; ଜଣେ ଗିରଫ

**ଔପଦା, ୨୬।୧୨(ସମିସ):** ଔପଦା ଥାନା ଅଘିରାପଦା ପଞ୍ଚାୟତ କମାରପାଳ ଛକରୁ ପୁଲିସ ଚୋରାମଦ ସହ ଏକ ସ୍କୁଟି ଜବତ କରିବା ସହ ଜଣେ ମଦ ବେପାରୀକୁ ଗିରଫ କରି କୋର୍ଟଚାଲାଣ କରିଛି। ବଡ଼ପୋଖରୀ ପଞ୍ଚାୟତର ଆମ୍ବଗଡିଆ ଗ୍ରାମର ଚୋରା ମଦ ବେପାରୀ ଉମାକାନ୍ତ ମଲ୍ଲିକଙ୍କ ଶଳା ପ୍ରଶାନ୍ତ ବେହେରା (୩୦) ଏକ ସ୍କୁଟି ଯୋଗେ ୪୦ ଲିଟରରୁ ଊର୍ଦ୍ଧ୍ୱ ମଦ ନେଇ ଔପଦା ଆଡକୁ ଆସୁଥିବା ବେଳେ ପୁଲିସ ଖବର ପାଇ ଧରିଥିଲେ। ପରେ ପୁଲିସ ଏକ ମାମଲା ରୁଜ କରି କୋର୍ଟ ଚାଲାଣ କରିଛି।

## ୫ରେ ନୀଳଗିରି-ଗୋପୀନାଥପୁର ରେଳ ଷ୍ଟେସନର ଲୋକାର୍ପଣ



**ନୀଳଗିର, ୨୬।୧୨(ସମିସ):** ଜାନୁଆରୀ ୫ରୁ ଆରମ୍ଭ ହେବ ରେଳ ଚଳାଚଳ। ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ଗୋପିନାଥପୁର ଠାରେ ବହୁ ପ୍ରତିକ୍ଷୀତ ନୀଳଗିରି-ଗୋପୀନାଥପୁର ରେଳ ଷ୍ଟେସନରୁ ଆସନ୍ତା ୫ରେ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେବେ। ତେବେ ଆଜି ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଏବଂ ଡିଆରଏମ କେ.କେ. ଚୌଧୁରୀଙ୍କ ଉପସ୍ଥିତିରେ ରେଳ ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତାର ୭୬ ବର୍ଷ ପରେ ନୀଳଗିରି ଓ ରେମୁଣାବାସୀଙ୍କ ସ୍ୱପ୍ନ ପୂରଣ ହେବାକୁ ଯାଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରେମୁଣା ବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ନିଆଁରେ ପୋଡ଼ି ହୋଇ ମହିଳା ମୃତ୍ୟୁ ଘଟଣା

# ଥାନା ଘେରାଉ କଲେ ଗ୍ରାମବାସୀ

**ଦହମୁଣ୍ଡା, ୨୬।୧୨(ସମିସ):**

ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ସିଆରୋଇ ପଞ୍ଚାୟତ ଅନ୍ତର୍ଗତ ବେଲଦା ଗାଁରେ ଗତ ୧୬ ତାରିଖରେ ମଞ୍ଜୁରାଣୀ ବେରା ନାମକ ଜଣେ ମହିଳା ନିଆଁରେ ପୋଡ଼ି ହୋଇ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଇଛି। ଏହି ଘଟଣାରେ କେତେକ ନିରୀହ ଗ୍ରାମବାସୀଙ୍କୁ ମିଥ୍ୟା ମାମଲାରେ ଛନ୍ଦି ଦେବାର ଚକ୍ରାନ୍ତ କରୁଥିବା ବେଳେ ଆଜି ସମୂହ ଗ୍ରାମବାସୀ ଏହାର ପ୍ରତିବାଦରେ ଦୀର୍ଘ ଦେଢ଼ ଘଣ୍ଟା ଧରି ଥାନା ଘେରାଉ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ୧୬ ତାରିଖ ବିଳମ୍ବିତ ରାତିରେ ଏହି ଗାଁର ୫୫ ବର୍ଷୀୟ ମହିଳା, ମଞ୍ଜୁରାଣୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା। ମାତ୍ର ମହିଳାଙ୍କ ଏଭଳି ମୃତ୍ୟୁ ଘଟଣାକୁ ଗ୍ରାମବାସୀମାନେ ସନ୍ଦେହଜନକ ବୋଲି ଅଭିଯୋଗ କରିଥିଲେ। ଏଥିରେ ମହିଳାଙ୍କ ପୁଅ ଓ ବୋହୂଙ୍କ ଚକ୍ରାନ୍ତ ଥାଇପାରେ ବୋଲି ଆଲୋଚନା ହୋଇଥିଲା। ଘଟଣାସ୍ଥଳରେ କମର୍ଦ୍ଦା ଥାନାର ଭାରପ୍ରାପ୍ତ ଅଧିକାରିଣୀ ପ୍ରେମଦା ନାୟକ




ଜଳେଶ୍ୱର ଏସଡିପିଓ ଦିଲ୍ଲୀପ ସାହୁ ସାଇଣ୍ଟିଫିକ ଟିମ ସହ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ କରାଇଥିଲେ। ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ଅନ୍ୟପକ୍ଷରେ ମୃତ ମହିଳାଙ୍କ ପୁଅ ଶମ୍ଭୁ ବେରା ଗ୍ରାମର କେତେକ ବ୍ୟକ୍ତିଙ୍କ ନାମରେ ମାଆଙ୍କ ଅନ୍ତେଷ୍ଟିକ୍ରିୟା କରାଇ ନ ଦେବାର ମିଥ୍ୟା ଅଭିଯୋଗ ଆଣିବା ସହ ବାବୁ ସୁର, କାଳିଚରଣ ସିଂହ, କାଳିଚରଣ ସାହୁ, ଗୋବିନ୍ଦ ସାହୁ, ନାରାୟଣ ଦେ, ରଥିଆ କାମିଲା, ଦେବଦତ୍ତ ପତି, କିଶାରାମ କାମିଲାଙ୍କ ନାମରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ଅଭିଯୁକ୍ତ ଗ୍ରାମବାସୀଙ୍କୁ ଥାନାକୁ ଡକାଇଥିଲେ। ମାତ୍ର ସମ୍ପୃକ୍ତ ଗ୍ରାମବାସୀମାନେ ଆଉ ଭୟରେ ଆସି ନ ଥିଲେ। ତେଣୁ ଏଭଳି ମିଥ୍ୟା ମାମଲାରେ ଗ୍ରାମବାସୀଙ୍କୁ ଫସାଇ ଦେବାର ଯେଉଁ ଚକ୍ରାନ୍ତ ହେଉଛି ତାର ପ୍ରତିବାଦରେ ଆଜି ଶତାଧିକ ଗ୍ରାମବାସୀ କମର୍ଦ୍ଦା ଥାନାରେ ପହଞ୍ଚି ଥାନା ଘେରାଉ କରିବା ସହ, ପ୍ରକୃତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଇ କଣ ପାଇଁ ନିରୀହ ଲୋକଙ୍କୁ ଥାନା ପରିସରକୁ ଡକାଗଲା ଏ ନେଇ ହୋହାଲ୍ଲା କରିଥିଲେ। ପୁଲିସ ନିରବଦ୍ରଷ୍ଟା ହେଇ ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହେଇଥିଲେ। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଏ ନେଇ କୌଣସି ସମାଧାନ ହୋଇ ନ ଥିବା ଜଣାପଡ଼ିଛି।

### ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ

# 'ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ କରିଛନ୍ତି ନବୀନ'



ସଦର ନିର୍ବାଚନ ମଣ୍ଡଳୀ



ବାଲେଶ୍ୱର ଜିଲ୍ଲା ବିଜେଡି

**ବାଲେଶ୍ୱର, ୨୬ ।୧୨(ସମିସ):**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଥିବା ବେଳେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ଆଜି ତାହାକୁ ତାଙ୍କ ପୁଅ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଏସଏସଜି ଗ୍ରୁପ ଠାରୁ ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇ ପାରିଛନ୍ତି ବୋଲି ଆଜି ବିଜୁ ଜନତା ଦଳର ସଦର ନିର୍ବାଚନ ମଣ୍ଡଳୀ ପକ୍ଷରୁ ବିଜେଡିରେ ୨୭ ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଏହି ସଭାକୁ ଅଧ୍ୟକ୍ଷତା କରି କହିଛନ୍ତି। ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରୂପେ ଅଭିଷିକ୍ତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସକାଳେ ଏକ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ଏହି ଗଣଦୌଡ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରୁ ବାହାରି ଡିଆଇସି ଛକ ନିକଟ ବିଜୁ ପଟ୍ଟନାୟକ ପାର୍କ ଠାରେ ଶେଷ ହୋଇଥିଲା। ଏହି ଗଣଦୌଡରେ ବହୁ ଯୁବ, ଛାତ୍ର, ମହିଳା ଓ ଦଳୀୟ କର୍ମୀ ଅଂଶ ଗ୍ରହଣ କରିଥିଲେ। ଏହି ଗଣଦୌଡରେ ମହିଳା ବିଭାଗରେ ସନ୍ଧ୍ୟାରାଣୀ ଜେନା ପ୍ରଥମ, କବିତା ମୁର୍ମୁ ଦ୍ୱିତୀୟ ଏବଂ ରଞ୍ଜିତା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ପୁରୁଷ ବିଭାଗରେ ଶୀତାଂଶୁ ଶେଖର ସେନାପତି ପ୍ରଥମ, ଲକ୍ଷ୍ମୀକାନ୍ତ ମୁର୍ମୁ ଦ୍ୱିତୀୟ ଏବଂ ଇଶ୍ୱର କୁମାର ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସେହିପରି ଅପରାହ୍ଣରେ ବାଲିଘାଟ ସ୍ଥିତ ଖେଳପଡ଼ିଆ ନିକଟରେ ଚାରାରୋପଣ କରାଯାଇଥିଲା। ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ରଞ୍ଜନ ବାଗଙ୍କ ମଞ୍ଚ ସଞ୍ଚାଳନରେ ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ କୈଳାସଚନ୍ଦ୍ର ସେଠୀ, ଟାଉନ ସଭାପତି ସନତ ଦାସ, ସଦର ସଭାପତି ବସନ୍ତ ପଣ୍ଡା, ରାଜ୍ୟ ମହିଳା ଉପସଭାପତି ଶ୍ରଦ୍ଧାଞ୍ଜଳି ରାୟ, ଟାଉନ ମହିଳା ସଭାପତି ମୀନା ମହାନ୍ତି, ସଦର ବ୍ଲକ ମହିଳା ସଭାପତି ଜ୍ୟୋତିରାଣୀ ମାଝୀ, ଜିଲ୍ଲାପରିଷଦ ସଦସ୍ୟା ସୋନାଲି ବିଶ୍ୱାଳ, ଜୋନାଲ ଯୁବ ମିଡିଆ ସଂଯୋଜକ ଧୀରେନ ନାୟକ, ଯୁବ ସଦର ନିର୍ବାଚନ ମଣ୍ଡଳୀ ସଭାପତି ସେକ ଅନସର, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡି, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ସମିତିର ନିର୍ଦ୍ଦେଶକ ସଂଗ୍ରାମ ମଲ୍ଲିକ, ନଗର ଛାତ୍ର ନେତା ବିଭୁଦତ୍ତ ପରିଡ଼ା, ଅର୍ବାନ ବ୍ୟାଙ୍କର ଉପାଧ୍ୟକ୍ଷ ନିଶାମଣୀ ପ୍ରଧାନ, ଜିଲ୍ଲା ମହିଳା ସମ୍ପାଦିକା ମୋନାଲିସା ପାଣିଗ୍ରାହୀ, କାଉନସିଲର ମିତା ପଟ୍ଟନାୟକ, କବିତା ମୁର୍ମୁ, ମୀରାଜ ବାନୋ, ସନ୍ଧ୍ୟାରାଣୀ ଜେନା, ସବିତା ଦାସ, ଅର୍ପିତା ପ୍ରିୟଦର୍ଶନୀ ପଟ୍ଟନାୟକ, ଶୋଭା ମହାପାତ୍ର, ଶଶିରେଖା ମହାନ୍ତି, ସେକ ଆୟୁବ, କାର୍ତ୍ତିକ ସାହୁ, ସୁନିଆ ମୁର୍ମୁ, ମହିଳା ରାଜ୍ୟ ସମ୍ପାଦିକା ଦୀପାରାଣୀ ସାହୁ, ଜୟଶ୍ରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ବିଜେଡି ସମ୍ପାଦକ ମନୋଜ ରାଉତ ଧନ୍ୟବାଦ ଦେଇଥିଲେ।

**ବାଲେଶ୍ୱର, ୨୬ ।୧୨(ସମିସ):** ବାଲେଶ୍ୱରରେ ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରେର ସକାଳେ ବିଜେଡି ଜିଲ୍ଲାସ୍ତରୀୟ ନେତୃବୃନ୍ଦ ସହରର ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଜେଡି ଜିଲ୍ଲା କମିଟିର ବରିଷ୍ଠ ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବ୍ରିଟ ଅଧ୍ୟକ୍ଷ ଆଲୋକ ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ବାଲେଶ୍ୱର ଅର୍ବାନ କୋ ଅପେରଟିଭ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର ପ୍ରମୁଖ ଏଥିରେ ଯୋଗେଦଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଶାସନରେ ଓଡ଼ିଶାର ବିକଶିତ ରାଜ୍ୟର ରୂପାନ୍ତରିତ ହୋଇପାରିଥିବା ବେଳ ଆଗାମୀ ଦିନେର ମଧ୍ୟ ଏହି ଧାରା ଜାରି ରହିବ ବୋଲି ନେତାମାନେ କହିଥଲେ। ଏଥିପାଇଁ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରାଇବାକୁ ଦଳର ସମସ୍ତ କର୍ମୀ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ନେତାମାନେ ଆହ୍ୱାନ ଦେଇଥଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ ସେଠୀ, ବାଲେଶ୍ୱର ପୌର ପରିଷଦର କାଉନସିଲର ଅମିତ ନାୟକ, ଦେବାଶିଷ ସିଂ, ସଞ୍ଜିବ ଦାସ, ରଞ୍ଜିତା ମହାପାତ୍ର, ସଲିମା ବିବି, ପ୍ରୀତିଲତା ସେଠୀଙ୍କ ସେମତ ଆଶ୍ରିତା ତରେଇ, ମିନତୀ ସେଠୀ, ସୋନାଲି ସା, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଯୁବନେତା ଭାଗବତ ସାହୁ, ବଂଶୀଧର ଦଲେଇ, ଶ୍ରମିକ ନେତା ଶାନ୍ତନୁ ଦାସ, ଯଯାତି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥରେ ବାଲେଶ୍ୱର ସଦର ବ୍ଲକର ବିଭିନ୍ନ ପଞ୍ଚାୟତସ୍ତରୀୟ ନେତା ଓ କର୍ମୀ ଯୋଗଦେଇଥଲେ।

## ମାନସ ସଭାପତି, ଜଗନ୍ନାଥ ସାଧାରଣ ସମ୍ପାଦକ

### ଓଡ଼ିଶା ପୁଲିସ ହାବିଲଦାର ଓ କନେଷ୍ଟବଲ ବଲେଶ୍ୱର ଶାଖା ସଂଘର ନିର୍ବାଚନ





**ବାଲେଶ୍ୱର, ୨୬।୧୨(ସମିସ):** ଓଡ଼ିଶା ପୁଲିସ ହାବିଲଦାର ଓ କନେଷ୍ଟବଲ ବଲେଶ୍ୱର ଶାଖା ସଂଘ, ବାଲେଶ୍ୱରର ନିର୍ବାଚନ୨୦୨୩ଶେଷହୋଇଫଳାଫଳ ଘୋଷଣା ହୋଇଛି। ଏହି ନିର୍ବାଚନରେ କନେଷ୍ଟବଲ ମାନସ ମାନସ କୁମାର ପାଣିଗ୍ରାହୀ ସଭାପତି ଓ ହାବିଲଦାର ଜଗନ୍ନାଥ ସିଂ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ମାନସ କୁମାର ପାଣିଗ୍ରାହୀ ୪୬୨ ଏବଂ ଜଗନ୍ନାଥ ସିଂ ୪୦୦ ଖଣ୍ଡ ଭୋଟ୍ ପାଇଁ ଜୟଯୁକ୍ତ ହୋଇଛନ୍ତି। ସେହିପରି ଏହି ନିର୍ବାଚନରେ ଉପସଭାପତି ଭାବେ ଅଲେଖ ବେହେରା, ସହ ସମ୍ପାଦକ ଦେବାଶିଷ ପାତ୍ର, ଯୁଗ୍ମ ସମ୍ପାଦକ ବବିତା ପଣ୍ଡା ଓ ଶିଶିର ଦାସ, କୋଷାଧ୍ୟକ୍ଷ ଜୟନ୍ତ କୁମାର କରଣ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ତପନ କୁମାର ପାଲି, ଲକ୍ଷ୍ମୀକାନ୍ତ ମହାଲିକ, ଏସକେ ମୈଉଦ୍ଦିନ, ସିଦ୍ଧାନ୍ତ ବେହେରା ଓ ଦିନେଶ କୁମାର ଷଣ୍ଢ ମନୋନୀତ ହୋଇଛନ୍ତି। ଏସପି ସାଗରିକା ନାଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଏହି ନିର୍ବାଚନ ଶେଷ ହୋଇଥିଲା। ନିର୍ବାଚିତ ଫଳାଫଳ ପ୍ରକାଶ ପାଇବା ପରେ ଏସପି ମନୋନୀତ ଟିମଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଭେଟରାନ୍ କ୍ରୀଡ଼ା ସଂଘର ପ୍ରସ୍ତୁତି ବୈଠକ

**ବାଲେଶ୍ୱର, ୨୬।୧୨(ସମିସ):** ଭେଟରାନ କ୍ରୀଡା ସଂଘର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହେବା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଷ୍ଟାଡିୟମ ପଡ଼ିଆରେ ଭେଟରାନ କ୍ରୀଡ଼ା ସଂଘର ସଭାପତି ଅଶୋକ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଜାନୁଆରି ୭ ତାରିଖ ରବିବାର ଦିନ କ୍ରୀଡା ସଂଘର କ୍ରୀଡା ବିଭିନ୍ନ ପ୍ରତିଯୋଗିତା ହେବ ବୋଲି ବୈଠକରେ ସ୍ଥିରିକୃତ ହୋଇଛି। ଏଥିରେ ଉପସ୍ଥିତ ଥିବା ସଭ୍ୟ, ସଭ୍ୟାମାନେ ଖେଳ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ପୁରାତନ ଖେଳାଳିମାନେ ବହୁ ସଂଖ୍ୟାରେ ଯୋଗଦେଇ ଖେଳରେ ଅଂଶଗ୍ରହଣ କରି ପୁରସ୍କାର ଗ୍ରହଣ କରିବା ପାଇଁ କ୍ରୀଡା ସଂଘର ସମ୍ପାଦକ ପଦ୍ମଲୋଚନ ଲେଙ୍କା (୯୩୩୭୮୯୯୭୪୯) ସମସ୍ତ ଖେଳାଳିଙ୍କୁ ଯୋଗଦେବା ପାଇଁ ଜଣାଇଛନ୍ତି। ବୈଠକରେ ସଭ୍ୟ ଗୋପାଳ ସେଠୀ, ପ୍ରଦୀପ ଦାସ, କାର୍ତ୍ତିକ ଚନ୍ଦ୍ର ନାୟକ, ସଞ୍ଜୟ ଲେଙ୍କା, ଜଗଦିଶ ବେହେରା, ରବିନ ମିତ୍ର, ଅର୍ଚ୍ଚନା ନନ୍ଦୀ, ଅପର୍ଣ୍ଣା କର, ସାଦିକ ଅଲ୍ଲି ଖାନ ପ୍ରଥମ ଉପସ୍ଥିତ ଥିଲେ।

## କବି ବଂଶୀଧର ଚୌଧୁରୀଙ୍କ କବିତା ସଙ୍କଳନ ଲୋକାର୍ପଣ

ବାଲେଶ୍ୱର, ୨୬ ।୧୨(ସମିସ): ସ୍ଥାନୀୟ ସାଇପ୍ଲାଜା ସଭାଗୃହରେ କବି ଡ. ବଂଶୀଧର ଚୌଧୁରୀଙ୍କ ଦୁଇଟି କବିତା ପୁସ୍ତକ କବିଙ୍କ ଜନ୍ମଦିନରେ ଲୋକାର୍ପଣ ହୋଇଛି। 'ନକ୍ସା' ଓ '୧୦୦ଟି ଛୋଟ କବିତା' ପୁସ୍ତକକୁ ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟିକ ଶ୍ରୀକାନ୍ତ ପାତ୍ର ଉନ୍ମୋଚନ କରିଥିଲେ। 'ଜୀବନ ସଂଗ୍ରାମ ସରସ୍ୱତ ଟ୍ରଷ୍ଟ' ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଟ୍ରଷ୍ଟର ଅଧ୍ୟକ୍ଷ ଇଂ ହୃଷିକେଶ ସାହୁ ଯୋଗଦେଇ କବି ଡ.ଚୌଧୁରୀଙ୍କ ଅନ୍ୟାନ୍ୟ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। କବି ତଥା ସମାଜସେବୀ ବିଜୟ ଉପାଧ୍ୟାୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ନାଟ୍ୟକାର ଆଶିଷ ଚକ୍ରବର୍ତ୍ତୀ କବିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। କବି ଡକ୍ଟର ଚୌଧୁରୀ ଲେଖକୀୟ ଅଭିମତ ପ୍ରଦାନ କରିଥିଲେ। ଇଂଜିନିୟର କୁମାର କାର୍ତିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁସ୍ତକ '୧୦୦ଟି ଛୋଟ କବିତା'ର ସମୀକ୍ଷକ ଭାବେ ମାନସ ସେନାପତି ଓ କବିତା ସଙ୍କଳନ 'ନକ୍ସା'ର ସମୀକ୍ଷକ ଭାବେ ଅଧ୍ୟାପକ ଚନ୍ଦନ ଦାସ ମତ ରଖିଥିଲେ।

## ଯୁବ କଥାକାର ସାମାବେଶ 'ଗଦ୍ୟାଂଶ ଉତ୍ସବ ୨୦୨୪'

### ଗାଳ୍ପିକା ଝୁନୀଲତା ବହିରାଙ୍କୁ ଗଦ୍ୟାଂଶ ଯୁବ ପ୍ରତିଭା ପୁରସ୍କାର



**ବାଲେଶ୍ୱର, ୨୬।୧୨(ସମିସ):** ଗଳ୍ପ ଭିତ୍ତିକ ସାହିତ୍ୟ ପତ୍ରିକା 'ଗଦ୍ୟାଂଶ' ଦ୍ୱାରା ଆୟୋଜିତି ଦ୍ୱିତୀୟ ଯୁବ କଥାକାର ସାମାବେଶ 'ଗଦ୍ୟାଂଶ ଉତ୍ସବ ୨୦୨୪' ବାଲେଶ୍ୱର ସହର ନୂଆପୁର ଗ୍ରାମରେ ଆୟୋଜିତ ହୋଇଯାଇଛି। ଉତ୍ସବରେ ଉଦଘାଟକ ଭାବରେ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବରେ ବରିଷ୍ଠ ଗାଳ୍ପିକ ରଜନୀକାନ୍ତ ମହାନ୍ତି ଯୋଗଦେଇଥିଲେ। କବି ଓ ଉପନ୍ୟାସିକ ବାଦଲ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗାଳ୍ପିକ ନିବାରଣ ଜେନା ସମ୍ମାନିତ ଅତିଥିଭାବରେ ଉପସ୍ଥିତ ରହି ଯୁବ ଗାଳ୍ପିକଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ଗଳ୍ପ ପୁସ୍ତକ 'ଦ୍ୱିତୀୟ ପ୍ରେମିକା' ପାଇଁ ଗାଳ୍ପିକା ଝୁନୀଲତା ବହିରାଙ୍କୁ 'ଗଦ୍ୟାଂଶ ଯୁବ ପ୍ରତିଭା ପୁରସ୍କାର' ପ୍ରଦାନ କରାଯାଇଥିଲା। ଏହା ସହିତ ଯୁବ ଗୀତିକାର- ସଙ୍ଗୀତ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ମିଶ୍ର ଓ ଯୁବଶିଳ୍ପୀ ସଞ୍ଜୟ ରାଉଳଙ୍କୁ 'ଗଦ୍ୟାଂଶ ସ୍ୱତନ୍ତ୍ର ପ୍ରତିଭା ସମ୍ମାନ' ଓ ବରିଷ୍ଠ ଗାଳ୍ପିକ ଶଙ୍କର୍ଷଣ ଶିଅଳଙ୍କୁ 'ଗଦ୍ୟାଂଶ ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଗାଳ୍ପିକ ରାଧାବିନୋଦ ନାୟକଙ୍କ ଦ୍ୱାରା ଗଦ୍ୟାଂଶର ନୂଆ ସଂଖ୍ୟା ଉନ୍ମୋଚିତ ହୋଇଥିବା ବେଳେ ଗାଳ୍ପିକା ସ୍ନେହଲତା ଦାସ ଲେଙ୍କାଙ୍କ ଶିଶୁ ଉପନ୍ୟାସ 'ଟିଙ୍କୁ ଗୁଡଲୁ'ର ଉନ୍ମୋଚନ ହୋଇଥିଲା। ଶେଷରେ ବରିଷ୍ଠ ଶିକ୍ଷାବିତ ଚକ୍ରଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାଲେଶ୍ୱର, ୨୬ ।୧୨(ସମିସ): ପ୍ରିନ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍ଥାନୀୟ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସ ଶିକ୍ଷା ସମୂହର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ କଟକ ଏସସିବି ମେଡିକାଲ କଲେଜର ଅସ୍ତ୍ରୋପଚାର ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ.ଜ୍ୟୋତିର୍ମୟ ନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ପୁଲିସ ଅଧୀକ୍ଷକ ସନ୍ତୋଷ କୁମାର ନାୟକ ଯୋଗଦେଇଥିଲେ। ଏହି ଅବସରରେ ପ୍ରିନ୍ସ ଶିକ୍ଷା ସମୂହର ଅଧ୍ୟକ୍ଷା ଜ୍ୟୋତିପୁଷ୍ପା ଦାସ, ପ୍ରିନ୍ସ କଲେଜର ଅଧ୍ୟକ୍ଷା ସୁଶ୍ରୀ ବବିତା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ଓଡ଼ିଆ ଅଧ୍ୟାପକ ପରମେଶ୍ୱର ଦେ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରିନ୍ସର କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।

## ଫକୀରମୋହନ ମହାବିଦ୍ୟାଳୟରେ ବିକ୍ଷୋଭ

**ବାଲେଶ୍ୱର, ୨୬।୧୨(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଏବିଭିପି କ୍ୟାମ୍ପସ ଶାଖା ତରଫରୁ କ୍ୟାମ୍ପସରେ ରାଜନୀତିକରଣ ଏବଂ ବିଭିନ୍ନ ମୌଳିକ ସମସ୍ୟା ଓ ତାର ସମାଧାନ ପାଇଁ ବିକ୍ଷୋଭପ୍ରଦର୍ଶନ ସହ ଅଧ୍ୟକ୍ଷଙ୍କୁ ଏକ ଦଶ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ବିଗତ କିଛି ଦିନ ଧରି କ୍ୟାମ୍ପସରେ ଅଣଛାତ୍ରମାନେ ପ୍ରବେଶ କରୁଛନ୍ତି ଏବଂ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ଦାବି ଜଣାଯାଇଛି। ପ୍ରତିକ୍ରିୟା ସ୍ୱରୂପ ଦାବି ପୂରଣ କରିବା ନେଇ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ପ୍ରତିଶ୍ରୁତି ଦେଇଛନ୍ତି। ଏବିଭିପି ରାଜ୍ୟ ସହ ସମ୍ପାଦକ ଶୁଭ୍ର ସମ୍ବିତ ନାୟକ, ବାଲେଶ୍ୱର ନଗର ସମ୍ପାଦକ ସତ୍ୟମ ଦାସ, ସୌମ୍ୟାଶ୍ରୀ ବିଶି, ଅଭିଲାଷ ସିଂ, ସ୍ମୃତି ଶ୍ରୀ ସାହୁଙ୍କ ସମେତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦାବି ଜଣାଇବା ସହ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ସେମା-୨୦୨୩' ଆରମ୍ଭ

**ବାଲେଶ୍ୱର, ୨୬।୧୨(ସମିସ):**



ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମ ଅନ୍ତର୍ଗତ ଗବେଷଣାରତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ପାଇଁ ଦୁଇଦିନିଆ ବିକାଶ କାର୍ଯ୍ୟକ୍ରମ ମାନବ ସମ୍ବଳ ବିକାଶ କେନ୍ଦ୍ରରେ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ମିଶ୍ର, ସମ୍ମାନିତ ଅତିଥିଭାବେ ଆଇଆଇଆଇଟି ଗୋଆଲିୟର ଆସିଷ୍ଟାଣ୍ଟ ପ୍ରଫେସର ଡ.ମନୋଜ ଦାଶ ପ୍ରମୁଖ ଭାବରେ ଯୋଗଦେଇଥିଲେ। ଗଠନମୂଳକ ସମୀକରଣ ମଡେଲିଂ ଏବଂ ବିଶ୍ଳେଷଣ (ଷ୍ଟ୍ରକଚୁରାଲ ଇକ୍ୱେସନ ମଡେଲିଂ ଆଣ୍ଡ ଆନାଲିସିସ: ସେମା - ୨୦୨୩) ନାମକ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଧ୍ୟାପକ ଓ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଗବେଷକ ମାନଙ୍କ ଗବେଷଣାତ୍ମକ ନିବନ୍ଧ ଓ ତଥ୍ୟ ଗୁଡିକର ଗୁଣବତ୍ତା, ମାନାଙ୍କ ବୃଦ୍ଧି ସହ କାରକ ବିଶ୍ଳେଷଣ ଏବଂ ଏକାଧିକ ରିଗ୍ରେସନ୍‌ର ମିଶ୍ରଣରେ ମଧ୍ୟ ସହାୟକ ହୋଇପାରିବ ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିବା ସହ ଏହା ଗବେଷକଙ୍କ ପାଇଁ ନିର୍ଣ୍ଣୟ ନେବା ପ୍ରକ୍ରିୟାକୁ ସହଜ କରିବ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିବା ୩୫ ଜଣଙ୍କ ମଧ୍ୟରେ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଗବେଷଣାରତ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ, ସ୍ନାତକ ଅଧ୍ୟୟନରତ ଛାତ୍ରଛାତ୍ରୀ ତଥା ଓଡ଼ିଶା, ଛତିଶଗଡ଼ର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ରହିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମାନବ ସମ୍ବଳ ବିକାଶ କେନ୍ଦ୍ରର ଉପନିର୍ଦ୍ଦେଶକ ଡକ୍ଟର ଦେବଦତ୍ତ ଦାସ କର୍ମଶାଳା ସମ୍ପର୍କିତ ସବିଶେଷ ସୂଚନା ଦେବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିସହିତ ମାନବ ସମ୍ବଳ ବିକାଶ କେନ୍ଦ୍ରର ସଦସ୍ୟ ଅରୁଣ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା



**ବାଲେଶ୍ୱର, ୨୬।୧୨(ସମିସ):** ସ୍ଥାନୀୟ ଖଲାସି ମହଲାରେ 'ବଦରୁଦ୍ଦିନ ଏକାଡେମୀ'ର ଅଷ୍ଟାଦଶ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଉର୍ଦ୍ଦୁ କବି ଆଜିମ ବାଲେଶ୍ୱରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଫାୟାଜ ଅହମଦ, ଶେଖ ନଜିମ, ଶେଖ ସରଫୁଦ୍ଦିନ, ଶେଖ ସୁଜାତ ହୁସେନ, କନିଜ ହଲିମା, କନିଜ ଫାତେମା, ମଜାମତ ଏହତଷମା, ଶେଖ ନଦିମ, ଏରଫାନ ଖାନ, ଶେଖ ମିନାଜ କାଦ୍ରୀ ପ୍ରମୁଖ ସହଯୋଗ କରିଥିଲେ। ଶେଖ ସଲିମ, ସରଫରାଜ, ଶେଖ ରକିବ ଫାୟାଜ କାଦ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଷ୍ଟୁଡେଣ୍ଟ ଅଫ ଦ ଇଅର ସମ୍ମାନରେ ଏଯାଜ ଅହମ୍ମଦ କାଦ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସକାଳେ ଚିତ୍ରାଙ୍କନ ଓ ହସ୍ତକଳା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ବିଜେଡିର ପ୍ରତିଷ୍ଠା ଦିବସ

# 'ନବୀନ ଓଡ଼ିଶା' ଗଠନ ପାଇଁ କର୍ମୀଙ୍କୁ ଆହ୍ୱାନ

























**ଭୋଗରାଇ/ଚନ୍ଦନେଶ୍ୱର, ୨୬।୧୨(ସମିସ):** ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ମଙ୍ଗଳବାର ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦଳର ସମସ୍ତ ନେତା, କର୍ମୀ, ନିର୍ବାଚିତ ଜନପ୍ରତିନିଧିମାନେ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବା ସହିତ 'ନୂତନ ଓଡ଼ିଶା, ନବୀନ ଓଡ଼ିଶା ଗଠନରେ ମୁଁ ବି ସାରଥୀ ହେବି' ବୋଲି ସମୂହ ଶପଥପାଠ କରିଥିଲେ। ଭୋଗରାଇ ହେରମ୍ବ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ସଭାରେ ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ, ବିଜେଡି ବ୍ଲକ କମିଟି କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଦୀପକ ଦାସ, ଅଶୋକ ସାହୁ, ଭୁବନାନନ୍ଦ ଦାସ, ତପନ ପଣ୍ଡା, ପ୍ରଦୀପ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଗିରିଶ କୁମାର ଦତ୍ତ, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ଦମୟନ୍ତୀ ସାହୁ, ନିବେଦିତା ମହାନ୍ତି ଓ ପ୍ରତିମା ଚାନ୍ଦ ପ୍ରମୁଖଙ୍କ ସହିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗଦେଇଥିଲେ। ରାମକୃଷ୍ଣ ପାତ୍ର ମଞ୍ଚ ଆହ୍ୱାନ କରିଥିଲା ବେଳେ ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ଭବେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସକାଳେ ଉଦୟପୁର ବୋଲାଭୂମିରୁ ତାଳସାରି ପର୍ଯ୍ୟନ୍ତ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ପରେ ସାହାବାଜିପୁର ବୋର୍ଡର ଠାରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଓ ଚନ୍ଦନେଶ୍ୱର ବିଜୁ ଗୋଲେଇ ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏବଂ ଥାନାଛକ ଠାରେ ଥିବା ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଜୀବନ ବିନ୍ଦୁ ଓ ଓଡ଼ିଶା ମୋ ପରିବାର ପକ୍ଷରୁ ଭୋଗରାଇ ହେରମ୍ବ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସମୁଦାୟ ୩୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ସଭାରେ ସମୂହ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ନୀଳଗିରି :** ବିଜେଡି ଜିଲ୍ଲା ବରିଷ୍ଠ ଉପସଭାପତି ତଥା ନୀଳଗିରି ବିଜେଡି ମଙ୍ଗୁଆଲ ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ଆଜି ପୂର୍ବାହ୍ନ ୮ଟାରେ ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ଏକ ବିରାଟ ଗଣଦୌଡ ବାହାରି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ପରେ ପରେ ଦଳ ତରଫରୁ ମେଡ଼ିକାଲରେ ରୋଗୀଙ୍କୁ ଫଳ ବଣ୍ଟନ ହୋଇଥିଲା। ପୂର୍ବାହ୍ନ ୧୧ଟା ସମୟରେ ଶ୍ରୀ ଖଟୁଆଙ୍କ ଅଧ୍ୟକ୍ଷତାରେ ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ଜିଲ୍ଲାପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଔପଦା ବ୍ଲକ ଅଧ୍ୟକ୍ଷା ବିସିବିସ୍ୱା ପାତ୍ର, ଜିଲ୍ଲା ଉନ୍ନୟନ କମିଟି ଅଧ୍ୟକ୍ଷ ମଦନ ମାଝୀ, ଜିଲ୍ଲା ପରିଷଦ ସଦସ୍ୟା ରଞ୍ଜିତା ସିଂ, ସୁବର୍ଣ୍ଣ ମଞ୍ଜରୀ ସିଂ, ମୁନୀ ସିଂ, ଔପଦା ବ୍ଲକ ସଭାପତି ଆଶୋକ ପ୍ରଧାନ, ଆଲାଉଦ୍ଦିନ ନାୟକ, ଶିଶିର ରାଉତ, ମନୋରଞ୍ଜନ ମହାନ୍ତି, ରବୀନ୍ଦ୍ର ନାୟକ, ମହେନ୍ଦ୍ର ବେହେରା, ନୀଳଗିରି ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୁଥାଳ, ଯୁବ ବିଜେଡି ଧୀରେନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

**ବାଲେଶ୍ୱର :** ବାଲେଶ୍ୱର ରେମୁଣା ହନୁମାନ କଲ୍ୟାଣ ମଣ୍ଡପ ପରିସରରେ ରେମୁଣା ବିଜେଡି ପକ୍ଷରୁ ଦଳର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ବ୍ଲକ ସଭାପତି ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ଅୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଜିଲ୍ଲା ଉପସଭାପତି ପ୍ରଭାତ କୁମାର ବିଶ୍ୱାଳ, ଜିଲ୍ଲା ଉପସଭାପତି ନଳିନୀ ପଣ୍ଡା, ବ୍ଲକ ଚେୟାରମ୍ୟାନ୍ ରାଜେନ୍ଦ୍ର ରାଉତ, ଏନଏସି ଅଧ୍ୟକ୍ଷା ତନୁଜା ଗିରି, ଏନଏସି ଉପାଧ୍ୟକ୍ଷ ଏହେସାନ୍ ଖାନ୍, ବ୍ଲକ ଭାଇସ୍ ଚେୟାରମ୍ୟାନ ସୁମତୀ ବେହେରା, ବିଦ୍ୟୁତ୍‌ଲତା ସାହୁ, ଲକ୍ଷ୍ମୀଧର ସ୍ୱାଇଁ, କିଶୋର ଚନ୍ଦ୍ର ମିଶ୍ର, ରବି ରାଉତ, ନରେନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ଦାସ, ଗୋବିନ୍ଦ ପାତ୍ର, ସଂଯୁକ୍ତା ପାତ୍ର, ତାପସ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟ ଅଭିମନ୍ୟୁ ଦିନ୍ଦା, କଲ୍ୟାଣୀ ବାରିକ, ଗିରିଶ ଦଳେଇ, ଗୌରୀମଣୀ ବେହେରା, ହିମାଂଶୁ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସକାଳୁ ହାତିଆଗଣ୍ଡ ଛକରୁ ଏକ ଗଣଦୌଡ ଆରମ୍ଭ ହୋଇ ମନ୍ଦିର ଛକରେ ସମାପ୍ତ ହୋଇଥିଲା। ପୂର୍ବାହ୍ନରେ ସ୍ଥାନୀୟ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

**ବସ୍ତା :** ବସ୍ତା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ତା'ର ୨୭ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ଏକ ଗଣଦୌଡ଼ ବସ୍ତା ବ୍ଲକ ସଭାପତି ଅନିଲ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିବା ବେଳେ ଏହି ଗଣଦୌଡ଼କୁ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଗଣଦୌଡ଼ରେ ବସ୍ତା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଶହ ଶହ କର୍ମୀ ସାମିଲ ହୋଇଥିଲେ। ସେଠାରେ ଫଳ ବଣ୍ଟନ କରିବା ସହ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ, ଜିଲ୍ଲା ବରିଷ୍ଠ ଉପସଭାପତି ଲକ୍ଷ୍ମୀଧର ଦାସ ଓ ସୁବ୍ରତ ପଣ୍ଡା, ଜିଲ୍ଲା ଯୁଗ୍ମ ସମ୍ପାଦକ ନାରାୟଣ ଚନ୍ଦ୍ର ପଣ୍ଡା, ପ୍ରକାଶ ବେହେରା, ରଞ୍ଜନ ଧଳ, ଯୁବ ଜନତା ଜିଲ୍ଲା ଉପସଭାପତି ଅନୁପମ ମହାନ୍ତି ଓ ବ୍ଲକ କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ଦଳେଇଙ୍କ ସମେତ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି, ସରପଞ୍ଚ ଓ ଶତାଧିକ କର୍ମୀ ପ୍ରମୁଖ ଯୋଗଦେଇଥିଲେ।

**ବାଲିଆପାଳ :** ମଙ୍ଗଳବାର ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ବ୍ଲକରେ ବିଜୁ ଜନତା ଦଳ ତା'ର ୨୭ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ଏକ ଗଣଦୌଡ଼, ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ବ୍ଲକର ଦଳୀୟ କାର୍ଯ୍ୟାଳୟ ଠାରୁ ବାହାରିଥିବା ଏହି ଗଣଦୌଡ଼ରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଶହ ଶହ କର୍ମୀ ସାମିଲ ହୋଇ ବାଲିଆପାଳ ହସ୍ପିଟାଲରେ ପହଞ୍ଚି; ସେଠାରେ ରୋଗୀଙ୍କୁ ଫଳ ବଣ୍ଟନ କରିବା ସହ ହସ୍ପିଟାଲ ପରିସରରେ ଚାରାରୋପଣ କରିଥିଲେ। ଏହି ଅବସରରେ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ଏବଂ ଓଡ଼ିଶାର ବିକାଶକୁ ଉଚ୍ଚତର ସୋପାନକୁ ନେଇ ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ 'ନବୀନ ଓଡ଼ିଶା' ଗଠନ ପାଇଁ ବ୍ରତୀ ହେବାକୁ ଉପସ୍ଥିତ କର୍ମୀମାନେ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦଳର ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ସଭ୍ୟା, ମହିଳା-ଯୁବ-ଛାତ୍ର ସଭାପତି, ବରିଷ୍ଠ ନେତୃବୃନ୍ଦ ଓ ବହୁ କର୍ମୀ ଯୋଗଦେଇଥିଲେ।

**ଖଇରା :** ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦୁର୍ଗାମଣ୍ଡପରୁ ବଣପାରିଆ ଛକ ପର୍ଯ୍ୟନ୍ତ ଗଣଦୌଡର ଆୟୋଜନ କରାଯାଇଥିଲା। ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବ୍ଲକ ବିଜେଡି ଯୁବ ସଭାପତି ରାଜେନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟ ମାନସ ଦାଶ, ରାଧାକାନ୍ତ ପାତ୍ରଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ ଦୌଡରେ ସାମିଲ ହୋଇଥିଲେ। ପରେ ବଣପାରିଆ ଗ୍ରାମରେ ଚାରାରୋପଣ କରାଯିବା ପରେ ଖଇରା ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜୀବନବିନ୍ଦୁର ସଂଯୋଜକ ପ୍ରହ୍ଲାଦ ପତିଙ୍କ ନେତୃତ୍ୱରେ ୫୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅପରାହ୍ନରେ ବ୍ଲକ ସଭାପତି ବ୍ରଜକିଶୋର ମହାନ୍ତିଙ୍କ ପୌରୋହିତ୍ୟରେ ଅଡା ଠାରେ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା।

**ସୋର :** ସୋର ପୌରପାଳିକା ଅନ୍ତର୍ଗତ ରାଧାନାଥ ସ୍ମୃତି ମଣ୍ଡପରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋର ବିଧାୟକ ପର୍ଶୁରାମ ଧଡ଼ା ସକାଳେ ସେଠାରେ ପହଞ୍ଚି ପ୍ରଥମେ ରାଧାନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ବିଜୁ ପଟ୍ଟନାୟକଙ୍କ ତୈଳ ଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ପରେ ସେଠାରେ ଆୟୋଜିତ ହୋଇଥିବା ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିରକୁ ଶ୍ରୀ ଧଡ଼ା ଉଦଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରୁ ମୋଟ ୧୬୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ଶପଥ ପାଠ ଏବଂ ସାଧାରଣ ସଭା ବ୍ଲକ ସଭାପତି ଦିପ୍ତୀକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଶ୍ରୀ ଧଡ଼ାଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ଜୟନ୍ତ ସ୍ୱାଇଁ, ସୋର ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଳିକ, ଗିରିଶ ଚନ୍ଦ୍ର ଦାଶ, ଅଜୟ ପଣ୍ଡା, ସୁକାନ୍ତ ମିଶ୍ର, ସୁପ୍ରିୟା ନନ୍ଦ, ଅନିତା ବେହେରା, ବଙ୍କେଶ ବେହେରା, ଲକ୍ଷ୍ମୀ ନାରାୟଣ ଦାଶମହାପାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ସମସ୍ତ ପଞ୍ଚାୟତର ପଞ୍ଚାୟତ ସଭାପତି, ଯୁବ, ଛାତ୍ର, ମହିଳା ଜନତା ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ବାହାନଗା :** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ଖରାସାହାପୁର ଯାତ୍ରା ପଡ଼ିଆରେ ସୋର ନିର୍ବାଚନ ମଣ୍ଡଳୀର ଯୁବ ବିଜେଡ଼ି ନେତା ଶିବାନୀ ଶଙ୍କର ରାୟଙ୍କ ଆହ୍ୱାନ କ୍ରମେ ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ବିଜୁ ଜନତା ଦଳର ଯୁବନେତା ଶିବାନୀ ଶଙ୍କର ରାୟଙ୍କ ଆହ୍ୱାନକ୍ରମେ ବରିଷ୍ଠ ନେତା ଏବଂ କର୍ମୀମାନେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ପରେ ଗୋପାଳପୁର ପଞ୍ଚାୟତ ଜୁଣିଆ ସ୍ଥିତ ବିଜୁ ପଟ୍ଟନାୟକ ପାର୍କରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଏକ ବିଶାଳ ପଟୁଆରରେ ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଖରାସାହାପୁର ପଞ୍ଚାୟତ ଖରାସାହାପୁର ଯାତ୍ରା ପଡ଼ିଆରେ ଏକ ସାଧାରଣ ସଭାରେ ଯୋଗଦେଇଥିଲେ। ଏହି ସଭାରେ ବରିଷ୍ଠ ବିଜେଡ଼ି ନେତା ପ୍ରଦୀପ ଜେନା ସଭାପତିତ୍ୱ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଶିବାନୀ ଶଙ୍କର ରାୟ, ସମିତି ସଭ୍ୟ ଇଂ ଶରତ କୁମାର ରାଜ, ଆଇନଜୀବୀ ଅଶ୍ୱିନୀ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ନିଳାମ୍ବର ମହାଳିକ, ଜିଲ୍ଲା ପରିଷଦ ସଦସ୍ୟା ବିନପ୍ରଭା ଶିଅଳ, ମଧୁସୂଦନ ଶିଅଳ, ସରପଞ୍ଚ ତୁଷାରକାନ୍ତି ମହାପାତ୍ର, ବିଷ୍ଣୁପୁର ସରପଞ୍ଚ ଛାୟାଲତା ପଣ୍ଡା, ଯୁବନେତା ସୁକାନ୍ତ ବିନ୍ଧାଣୀ, ରମାକାନ୍ତ ଦାସ, ସୁଶାନ୍ତ ପଣ୍ଡା, ପୁଷ୍ପଲତା ଜେନା, ଉଦୟ ନାରାୟଣ ମହାପାତ୍ର, ସଂଯୁକ୍ତା ମହାପାତ୍ର, ଏସକେ ନାସିରୁଦ୍ଦିନଙ୍କ ସହ ୭ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଏବଂ ଜନସାଧାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**ଜଳେଶ୍ୱର :** ଜଳେଶ୍ୱର ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁରାମଚନ୍ଦ୍ରପୁର ପଞ୍ଚାୟତ ଅଞ୍ଚଳରେ ବହୁ ଆଡ଼ମ୍ବରରେ ସ୍ଥାନୀୟ ବିଧାୟକ ବିଜେଡି ଜିଲ୍ଲା ସଭାପତି ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ନଗରପାଳ ପ୍ରତିପ ପ୍ରଧାନ, ବ୍ଲକ ସଭାପତି ଦିଲ୍ଲୀପ ସାମଲ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ନାରୀନେତ୍ରୀ ବିନ୍ଦୁବାଳା ନନ୍ଦୀଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ କୋଟସାହି ପଞ୍ଚାୟତରୁ ଶତାଧିକ ବିଜେପି କର୍ମୀ ବିଜେପି ନେତା ଅଶୋକ ପରିଡ଼ା, ଗଡ଼ସାହି ବାଲିଆପାଳର ସ୍ୱାଧୀନ ସରପଞ୍ଚ ଧ୍ରୁବଜ୍ୟୋତି ଗିରି ଓ ସୁଗୋ ପଞ୍ଚାୟତର ସମିତିସଭ୍ୟା ଅନିତା ମହାନ୍ତି ମଧ୍ୟ ବିଜେପି ଦଳ ଛାଡ଼ି ତାଙ୍କ ଶତାଧିକ ସମର୍ଥକଙ୍କ ସହିତ ବିଜେଡିରେ ଯୋଗଦାନ କରିଥିଲେ। ଆଜି ଦିନ ତମାମ ଦଳର ପ୍ରତିଷ୍ଠା ଦିବସ ଅବସରରେ ମନ୍ତ୍ରୀଙ୍କ ପ୍ରତ୍ୟେକ୍ଷ ଉପସ୍ଥିତିରେ ଜଳେଶ୍ୱର ସହରରେ ଏକ ଗଣଦୌଡ଼, ସହରର ବଡ଼ବଜାର ଓ ଜମାଲପୁର ଗ୍ରାମସ୍ଥିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ପୁରୀ ଶ୍ରୀ ମନ୍ଦୀର ପରିକ୍ରମା ପ୍ରକଳ୍ପ ଉଦଘାଟନ ପୂର୍ବରୁ ପୂଜାର୍ଚ୍ଚନା, ବାଇଗଣବାଡ଼ିଆ ପଞ୍ଚାୟତରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଯାୟୀ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୨୮ ୟୁନିଟ୍ ରକ୍ତ ସଂଗ୍ରହ, ରାୟାଁରାମଚନ୍ଦ୍ରପୁର ପଞ୍ଚାୟତର ତପୋବନ ହାଇସ୍କୁଲରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବଡବଜାର ସ୍ଥିତ ଟାଉନ ହଲ ପଡ଼ିଆରେ ପୂର୍ବତନ ଜଳେଶ୍ୱର ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା।

## ମୁନି ସମାଜର ଜିଲ୍ଲାସ୍ତରୀୟ ଅଧିବେଶନ



**ରୂପସା, ୨୬।୧୨(ସମିସ):** ବସ୍ତା ଥାନା ଅନ୍ତର୍ଗତ ହଳଦୀପଦାସ୍ଥିତ ସଦଗୁରୁ ଶିବମୁନି ଯୋଗ ସେବାଶ୍ରମ ପରିସରରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ମୁନି ସମାଜର ଜିଲାସ୍ତରୀୟ ବାର୍ଷିକ ଅଧିବେଶନ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲା ମୁନି ସମାଜ ସଭାପତି ଯୋଗାଚାର୍ଯ୍ୟ କମଳାକାନ୍ତ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଓଡ଼ିଶାପ୍ରାନ୍ତ ମୁନିସମାଜର ପୂର୍ବତନ ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଶଶଧର ମୁନି ଯୋଗଦେଇଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପତଞ୍ଜଳି ଯୋଗ ସମିତି ପ୍ରଭାରୀ ଡ଼. କୁମାର ଗୋପାଳ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଯୋଗୀ ବିକାଶ ସାହୁ, ଯୋଗ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାଣିଗ୍ରାହୀ, ଯୋଗାଚାର୍ଯ୍ୟ ଦୀପାଞ୍ଜଳି ଦାସ ସାମନ୍ତ, ଯୋଗାଚାର୍ଯ୍ୟ କଳାକୃଷ୍ଣ ମିଶ୍ର ଓ ବାଇଧର ମୁନି ପ୍ରମୁଖ ମଞ୍ଚାସିନ ହୋଇ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସମ୍ପାଦକ ଯୋଗାଚାର୍ଯ୍ୟ ଅନନ୍ତ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଆଶ୍ରମ କମିଟି ସଭାପତି ଯୋଗୀ ଚିତ୍ତରଞ୍ଜନ ସନ୍ଧିବିଗ୍ରହ ଓ ସମ୍ପାଦକ ଯୋଗୀ ସୁଶୀଲ କୁମାର ମହାପାତ୍ରଙ୍କ ତତ୍ତ୍ୱବଧାନରେ ସତ୍ୟ ପତାକା ଉତ୍ତୋଳନ, ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ସମୂହ ପ୍ରଣବ ଯଜ୍ଞ, ବେଦପାଠ, ଗୀତାପାଠ ଓ ଭାଗବତ ପାଠ, ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା।

## ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ରାଜଘାଟ, ୨୬ ।୧୨(ସମିସ):** ବସ୍ତା ଥାନା ଅନ୍ତର୍ଗତ ମୁଳିଦା ଗ୍ରାମରେ ପୋଖରୀରେ ବୁଡ଼ି ମଙ୍ଗଳବାର ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ଶିଶୁପୁତ୍ର ଜଣକ ହେଲେ ଏହି ଗ୍ରାମର ଗୋପୀନାଥ ବାରିକଙ୍କ ପୁଅ ଭବେଶ ବାରିକ (୨)। ସୂଚନା ଅନୁସାରେ ଆଜି ପୂର୍ଣ୍ଣିମା ଅବସରରେ ଭବେଶ ଗାଁ ପାଖ ବାଶୁଳୀ ମନ୍ଦିରକୁ କ୍ଷୀରି ଭୋଗ ଖାଇବାକୁ ଯାଇଥିଲେ। ଖାଇସାରି ମନ୍ଦିର ପାଖ ପୋଖରୀକୁ ହାତ ଧୋଇବାକୁ ଯିବା ସମୟରେ ଗୋଡ ଖସିଯିବାରୁ ଭବେଶ ପୋଖରୀରେ ବୁଡି ଯାଇଥିଲେ। ପରେ ବହୁ ଖୋଜାଖୋଜି ପରେ ଭବେଶଙ୍କୁ ପୋଖରୀରୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମୁକ୍ତିକାନ୍ତଙ୍କୁ ରାଜ୍ୟସ୍ତରୀୟ ନବରତ୍ନ ସମ୍ମାନ



**ଖଇରା, ୨୬ ।୧୨(ସମିସ):** ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ସୋମବାର ଦିନ କଟକ କଳାବିକାଶ କେନ୍ଦ୍ର ପରିସରରେ ଆୟୋଜିତ ପ୍ରତିଭା ସମ୍ମାନ ସମାରୋହରେ ଖଇରା ଅଞ୍ଚଳର ଅଧ୍ୟାପକ ତଥା ଦକ୍ଷ ଯୁବ ଚିତ୍ରଶିଳ୍ପୀ ମୁକ୍ତିକାନ୍ତ ବେହେରାଙ୍କୁ ରାଜ୍ୟସ୍ତରୀୟ ନବରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ଉକ୍ତ ସମ୍ବର୍ଦ୍ଧନା ସମାରୋହରେ ପୂର୍ବତନ ସାଂସଦ ଡ. ପ୍ରସନ୍ନ ପାଟଶାଣୀ, ପୂର୍ବତନ ବିଚାରପତି ଏଏସ୍ ନାଇଡୁ, ବରି ବିଧାୟକ ଦେବାଶିଷ ନାୟକ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ମହମ୍ମଦ ମୋକିମ, ଚଳଚ୍ଚିତ୍ର ତାରକା ଶ୍ରୀତମ ଦାସ, ପୂର୍ବତନ ଜିଲାଜଜ୍ କାଶିନାଥ ପାଣିଗ୍ରାହୀ, ବିଶିଷ୍ଟ ଚିକିତ୍ସକ ଡଃ ଗୋପାଳ କର, ପୂର୍ବତନ ବିମା ଲୋକପାଳ ବିଭୁପ୍ରସାଦ ପରିଡ଼ା, ଉପଦେଷ୍ଟା ସୁରମା ପାଢ଼ୀ, ଶିକ୍ଷାବିତ ଶରତ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମୁକ୍ତିକାନ୍ତଙ୍କୁ ସମ୍ମାନପତ୍ର, ସୁନା ପଦକ, ୧ ଲକ୍ଷ ଟଙ୍କାର ବୀମାରାଶି, ଟ୍ରଫି, ସମ୍ମାନ ମୁକୁଟ, ସମ୍ମାନ ପଟି, ସମ୍ମାନ ଗାଉନ ଓ ପ୍ରତିଭା ପରିଚୟ ପୁସ୍ତକ ପ୍ରଦାନ କରାଯାଇଥିଲା।

# ନିଷ୍କାମ ସାହିତ୍ୟ ପରିଷଦର ସମାବର୍ତ୍ତନ ଉତ୍ସବ

**ବାଲିଆପାଳ, ୨୬।୧୨(ସମିସ):**



ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପପୁର ଠାରେ ନିଷ୍କାମ ସାହିତ୍ୟ ପରିଷଦର ଚତୁର୍ଥ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଓଡିଆ ବିଭାଗ ଅଧ୍ୟାପକ ଦୟାନିଧି ସାହୁଙ୍କ ସ୍ୱର୍ଗତା ମାତା ଚଞ୍ଚଳା ଦେବୀଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତାଙ୍କ ବାସଭବନରେ ଅନୁଷ୍ଠିତ ଏହି ସଭାକୁ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଉଦଘାଟନ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଜଳଧର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରେବତୀ ପତ୍ରିକାର ସମ୍ପାଦିକା, ସମାଜସେବୀ ସୁବାସିନୀ ଜେନା, ମୁଖ୍ୟବକ୍ତା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ବିଭାଗର ପ୍ରାଧ୍ୟାପକ ସନ୍ତୋଷ ନାୟକ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ପାଲା ଗାୟକ ହରିହର ପାଣିଗ୍ରାହୀ, ସୁସାହିତ୍ୟିକ ଭରତ ଚନ୍ଦ୍ର ଦାସ, ବିଶିଷ୍ଟ ଶିକ୍ଷକ ନେତା ନାରାୟଣ ପ୍ରସାଦ ସାହୁ, କବୟିତ୍ରୀ କଲ୍ୟାଣ ନନ୍ଦ, ସମୀକ୍ଷକ ବ୍ରଜେନ୍ଦ୍ର ନାଥ ଗିରି ପ୍ରମୁଖ ଯୋଗଦେଇ ମାର୍କଣ୍ଡ ସାହୁଙ୍କ ରଚିତ ପୁସ୍ତକ ଏବେ ଫେରିବାର ବେଳ ଏବଂ ଦୟାନିଧି ସାହୁଙ୍କ ସକାଳ ଓ ଇତିପ୍ରୀତି ପୁସ୍ତକ ଉନ୍ମୋଚନ କରିଥିଲେ। ଆଜିର ଏହି ସଭାରେ ନିଷ୍କାମ ସାହିତ୍ୟ ପରିଷଦ ପକ୍ଷରୁ ବିଶିଷ୍ଟ ଚିତ୍ରଶିଳ୍ପୀ ଶିବ ପ୍ରମାଣିକ, ଓଡିଆ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଦାସ, ହରେନ୍ଦ୍ର ଗାଆଣ, ଅଧ୍ୟାପିକା ରଶ୍ମିତା ସାମନ୍ତରାୟ ଏବଂ ବିଶିଷ୍ଟ ସାରସ୍ୱତ ସାଧକ କବି ବ୍ରଜେନ୍ଦ୍ର ନାଥ ଗିରିଙ୍କୁ ଚଳିତବର୍ଷ ଚଞ୍ଚଳା ଦେବୀ ସାହିତ୍ୟ ସମ୍ମାନ ଓ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଦୟାନିଧି ସାହୁ ଅତିଥିମାନଙ୍କୁ ମଞ୍ଚଆହ୍ୱାନ କରିଥିବା ବେଳେ ରିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ଶେଷରେ ଅଧ୍ୟାପକ ଦୟାନିଧି ସାହୁଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା। ଶେଷରେ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ସତ୍‌ସଙ୍ଗ ଓ ବନମହୋତ୍ସବ କାର୍ଯ୍ୟକ୍ରମ



**ରାଇବଣିଆ, ୨୬।୧୨(ସମିସ):** ପୃଥିବୀ ସୃଷ୍ଟି ହେବାଠାରୁ ଆମେ ପାଣି, ପବନ, ଅଗ୍ନି ଓ ସକଳ ଶକ୍ତିର ଆଧାର ସୂର୍ଯ୍ୟ ଦେବତାଙ୍କୁ ଆମେ ଦେଖୁଛୁ ସୂର୍ଯ୍ୟ ଉଦୟ ଓ ଅସ୍ତ ନିରନ୍ତର ସତ୍ୟ। ଆମ ଭାରତରେ ସତାନତ ଧର୍ମ ଅନୁସାରେ ସୂର୍ଯ୍ୟଙ୍କର ଗତିକୁ ନେଇ ଆମେ ବଡ଼ଦିନ ପାଳନ କରିଥାଉ। କାରଣ ଆଜିଠାରୁ ସୂର୍ଯ୍ୟଙ୍କ ଦକ୍ଷିଣାଗତି ଶେଷ ଓ ଉତ୍ତରାୟଣ ଗତି ଆରମ୍ଭ ହୋଉଥିବାରୁ ଆଜି ଠାରୁ ଧୀରେ ଧୀରେ ଦିନ ବଡ଼ ରାତି ଛୋଟ ହେବାରେ ଲାଗିଥାଏ। ଏହି ପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଆଡ ଗ୍ରାମ ପଞ୍ଚାୟତର ଖୁଆଡ ପଥର ଡୁଙ୍ଗୁରୀଠାରେ ଆଜିକୁ ୬୦ବର୍ଷ ଧରୀ ସତସଙ୍ଗବିତ୍ ମାନେ ଗୀତ, ଭାଗବତ, ପ୍ରବଚନ ଓ ହରିନାମ ସଂକୀର୍ତ୍ତନ ମାଧ୍ୟମରେ ପ୍ରଭୁଙ୍କର ଗାଥା ଗାନ କରିଥାନ୍ତି। ଏହି କାର୍ଯ୍ୟକ୍ରମରେ ଖୁଆଡ ଗ୍ରାମର ମାତୃ ମଣ୍ଡଳୀ ଓ ତାଙ୍କ ସହିତ ନୀଳକଣ୍ଠ ଦାସ, ପ୍ରଫୁଲ୍ଲ ଦାସ, ଗଦାଧର ଦାସ, ବୃନ୍ଦାବନ ଚାନ୍ଦ, ଗୌରମୋହନ ଗାନ୍ଧୀ, ନୀଳମଣି ଦାସ, ମଦନ ପାତ୍ର, ରତିକାନ୍ତ ପାତ୍ର, ବିମ୍ବାଧର ଘୋଷ ପ୍ରମୁଖ ଉପସ୍ଥିତ ରହି ଶେଷରେ ପ୍ରସାଦ ସେବନ କରିଥିଲେ।

# ବିଭିନ୍ନ ସ୍ଥାନରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ



ଗୋପପ୍ରାଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ସିମୁଳିଆ, ୨୬।୧୨(ସମିସ):** ସିମୁଳିଆ ବ୍ଲକ କ୍ଷୀରକୋଣାଠାରେ ଥିବା ଗୋପପ୍ରାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଉଦଯାପିତ ହୋଇଯାଇଛି। ସୂଚନାରୁ ପ୍ରକାଶ ଗୋପପ୍ରାଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶାର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ସାହିତ୍ୟିକ ତଥା ଲେଖକ ରବୀନ୍ଦ୍ର କୁମାର ନାୟକ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ ଜେନା, ସମିତିସଭ୍ୟ ନିରଞ୍ଜନ ମଲ୍ଲିକ, ସମାଜସେବୀ ରଘୁନାଥ ରାଉତ, ଶିବପ୍ରସାଦ ମହାନ୍ତି, ଜିଲ୍ଲାପରିଷଦ ପ୍ରତିନିଧି ଅନନ୍ତ ପ୍ରସାଦ ପାଢ଼ୀ, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜନୀତି ଅଧ୍ୟାପକ ପ୍ରଫୁଲ୍ଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ସୋର :** ସୋର ପୌରପାଳିକା ଅନ୍ତର୍ଗତ ସୋର ମହିଳା ଉଚ୍ଚ ମାଧ୍ୟମିକ ଏବଂ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏହି ଅବସରରେ ଯୁକ୍ତଦୁଇର ଅଧ୍ୟକ୍ଷ ରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା, ମୁଖ୍ୟବକ୍ତା ଭାବେ ସୀତାକାନ୍ତ ନାୟକ, ସମ୍ମାନିତ ଅତିଥିଭାବେ ସମାଜସେବୀ ସନ୍ତୋଷ ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଯୁକ୍ତ ୩ର ଅଧ୍ୟକ୍ଷ ବୃନ୍ଦାବନ ରାଉଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ଅଞ୍ଜଳି ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ବାଜପେୟୀଙ୍କ ଜୟନ୍ତୀ


ବାଲିଆପାଳ

**ଚୌକି, ୨୬।୧୨(ସମିସ):** ଭୋଗରାଇ ବିଜେପି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ଏହି ନିର୍ବାଚନ ମଣ୍ଡଳୀର ୩୨ନଂ ଜୋନ ବିଜେପି ସଭାପତି ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଭୋଗରାଇ ବିଜେପି ନେତା ତଥା ସାଂସଦ ପ୍ରତିନିଧି ଅଂଶୁମାନ ମାହାନ୍ତି, କ୍ୟାପଟେନ ଅଶୋକ ଦାସ, ଅଜୟ ସାହୁ, ପ୍ରଦୀପ ବାରିକ, ରବୀନ୍ଦ୍ର ରାଉତ, ଅଶୋକ ଜେନା, ଅନିମା ପାଣିଗ୍ରାହୀ, ଜଗଦିଶ ଦଣ୍ଡପାଟ, ଅନିଲ ଜେନା, ବିଜୟ ପଣ୍ଡିତ, ମହେଶ୍ୱର ହାତୀ, ଗୌରାଙ୍ଗ ସେଠୀ, ସୁଶିଲ ମହାନ୍ତି, ଶ୍ରାବନ୍ତି ମିଶ୍ର ପ୍ରମୁଖ ବହୁସଂଖ୍ୟକ ନେତା ଓ କର୍ମୀମାନେ ଯୋଗଦେଇଥିଲେ।

**ବଳରାମପୁର :** ଭାରତୀୟ ଜନତା ପାର୍ଟି ବାଲିଆପାଳ ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତ ରତ୍ନ, ତଥା ଭାରତୀୟ ଜନତା ପାର୍ଟିର ସଂସ୍ଥାପକ ଅଟଳବିହାରୀ ବାଜପେୟୀଙ୍କ ୯୯ ତମ ଜନ୍ମଜୟନ୍ତୀ ଅବସରରେ ଏହି ଦିବସକୁ ସୁଶାସନ ଦିବସ ଭାବେ ପାଳନ କରାଯାଇଛି। ବିଜେପି ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଅରବିନ୍ଦ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଜୟ ସାହୁ, ବିକାଶ ଗିରି, ଗୌରବ ଅଣ୍ଡିଆ, ସତ୍ୟରଞ୍ଜନ ମଣ୍ଡଳ, ଗଜେନ୍ଦ୍ର ଜେନା, ସୁଦାମ ଚରଣ ଦାସ, ଅମିତେଶ ବେହେରା, ପ୍ରଦିପ ସି, ନୀଳକଣ୍ଠ ଜେନା, କରୁଣାକର ସେନାପତି, ଟୁଟୁ ପାତ୍ର, ନିତ୍ୟାନନ୍ଦ ସାହୁ, ବନମାଳୀ ଜେନା ପ୍ରମୁଖ ଯୋଗଦେଇଥିଲେ।

# ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**ସୋର, ୨୬।୧୨(ସମିସ):** ସୋର ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ନଟାପଡ଼ାସ୍ଥିତ ମା'ମରିଚାଇ ପଡ଼ିଆରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସୋର ପୌରପାଳିକାର ଅଧ୍ୟକ୍ଷ ମାଧବ ଧଡା ଆନୁଷ୍ଠାନିକ ଭାବେ କ୍ରୀଡା ଉତ୍ସବକୁ ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧ ନମ୍ବର ୱାର୍ଡ ପାରିଷଦ ଉର୍ମିଳା ରାଉତ ଓ ଅନ୍ୟ ପାରିଷଦମାନେ ଉପସ୍ଥିତ ଥିଲେ। ସୋର ପବ୍ଲିକ ସ୍କୁଲର ପରିଚାଳନା କମିଟିର ସମ୍ପାଦକ ନରେନ୍ଦ୍ର ରାଉତ ଓ ବରିଷ୍ଠ ସଦସ୍ୟ ଅନାମ ଚରଣ ବାରିକ, ପ୍ରଶାନ୍ତ ଦାସ, ଲୋକନାଥ ରାଉତ ଉପସ୍ଥିତ ଥିଲେ। ବୈଠକକୁ ବିଦ୍ୟାଳୟର ଅଧ୍ୟକ୍ଷ ରାମନାରାୟଣ ଦାସ ପରିଚାଳନା କରିଥିଲେ।

# ସାରସ୍ୱତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**ସୋର, ୨୬।୧୨(ସମିସ):** ସୋର ବ୍ଲକ ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଡମ୍ବରୁଧର ଭୋଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉତ୍କଳ ପ୍ରବକ୍ତା ପରିଷଦର ସମ୍ପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ଯୋଗଦେଇଥିଲେ। ସାହିତ୍ୟ କବି ବନ୍ଧୁ ପରିବାର ବାଲେଶ୍ୱରର ସମ୍ପାଦିକା ପ୍ରଣତି ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମଞ୍ଚରେ ତର୍କଶାସ୍ତ୍ର ବିଭାଗର ଅଧ୍ୟାପିକା ସେବତୀ ପୁହାଣ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଶୀତକାଳୀନ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ




**ବାହାନଗା, ୨୬।୧୨(ସମିସ):** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଭଗବାନ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା (ଏନଏସ୍‌ଏସ୍) ଆଜି ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. ଯଦୁନାଥ ମିଶ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିବାକର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ପାଢ଼ୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମହାବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ହିମାଂଶୁ ସାହୁ ଏବଂ ଅଧ୍ୟାପିକା ଦେବସ୍ମିତା ନାଥ ପରିଚାଳନା କରୁଛନ୍ତି।

# ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ

**ଖଇରା, ୨୬।୧୨(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବାଣପୁର ସରସ୍ୱତୀ ଶିଶୁ ମନ୍ଦିରର ୩ ଦିନିଆ ରୌପ୍ୟ ଜୟନ୍ତୀ ସମାରୋହ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ପରିଚାଳନା କମିଟି କୋଷାଧ୍ୟକ୍ଷ ବିଜୟ କୁମାର ଘୋଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଶିକ୍ଷା ବିକାଶ ସମିତିର ରାଜ୍ୟ ସଭାପତି କିଶୋର ମହାନ୍ତି ମୁଖ୍ୟଅତିଥି, ଲୋକପ୍ରିୟ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା, ଓଡ଼ିଶା ସରକାରଙ୍କ କଳା, ସଂସ୍କୃତି ଓ ମାନବ ସମ୍ବଳ ବିଭାଗ ରାଜ୍ୟ ସମ୍ପାଦକ ଶଶି କୁମାର ସାହୁ, ସିଆରପିଏଫ ଯବାନ ମୟୁର ଦାସ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଚାର୍ଯ୍ୟ ଅଶୋକ ରଞ୍ଜନ ପଲେଇ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ସ୍ୱାସ୍ଥ୍ୟ ସେବା ଶିବିର

**ସିମୁଳିଆ, ୨୬।୧୨(ସମିସ):** କଂଗ୍ରେସ ନେତା ତଥା ସମାଜସେବୀ ହିମାଂଶୁ ବେହେରାଙ୍କ ଦ୍ୱାରା ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସୂଚନାରୁ ପ୍ରକାଶ ସିମୁଳିଆ ନିର୍ବାଚନ ମଣ୍ଡଳୀର ସିମୁଳିଆ ବ୍ଲକ ଅନ୍ତର୍ଗତ ମଇତାପୁର ପଞ୍ଚାୟତ ହାଟ ମଇତାପୁର ମେଳନପଦା ଗ୍ରାମରେ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରାଙ୍କ ଦ୍ୱାରା ଆୟୋଜିତ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିରରେ ଲୋକମାନଙ୍କ ପାଇଁ ମାଗଣାରେ ଚିକିତ୍ସା, ମାଗଣାରେ ଔଷଧ ବଣ୍ଟନ, ସମସ୍ତ ରୋଗର ଚିକିତ୍ସା ନିମନ୍ତେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ଚିକତ୍ସା ନିମନ୍ତେ ଆସିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିରୁଦ୍ଧ ବେହେରା, ନିରଞ୍ଜନ ପରିଡ଼ା, ଗଣେଶ ସାହୁ, ବରେନ୍ଦ୍ର କୁଅଁର, ପ୍ରଫୁଲ୍ଲ ସାହୁ, ତପନ ଦାସ, ପ୍ରଫୁଲ ବଳବନ୍ତରାୟ, ବିଶ୍ୱନାଥ ରାଉଳ, ରମେଶ ଦାସ, ଭଗବାନ ଦାସ, ମାନସ ଦାସ, କାହ୍ନୁ, ଅକ୍ଷୟ ମାଝୀଙ୍କ ସମେତ ଅନ୍ୟ ବହୁ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବିଜେଡି ନେତାଙ୍କ ପକ୍ଷରୁ କମ୍ବଳ ବଣ୍ଟନ



**ରୂପସା, ୨୬।୧୨(ସମିସ):** ବସ୍ତା ବ୍ଲକ ଦରଡା ଗ୍ରାମପଞ୍ଚାୟତର ୧୪ଟି ୱାର୍ଡରେ ବିଜେଡି ନେତା ତୁଷାରକାନ୍ତ ବେହେରାଙ୍କ ଦ୍ୱାରା ଶୀତର ପ୍ରକୋପ ପାଇଁ ବୟସ୍କ ବୃଦ୍ଧ ବୃଦ୍ଧା, ଅସହାୟ ଓ ଭିନ୍ନକ୍ଷମଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସମାଜସେବୀ ପ୍ରଦୀପ ବିଶ୍ୱାଳ, ୱାର୍ଡ ମେମ୍ବର ରଜତ କୁମାର ଦାସ, ରୋହିତାଶ୍ୟ ବେହେରା, ସୁଜିତ ରାଉତ, ବେଣୁଧର ନାୟକ ସହିତ ସ୍ଥାନୀୟ ନେତୃବୃନ୍ଦ ଓ ଗ୍ରାମବାସୀମାନେ ସହଯୋଗ କରିଥିଲେ। କମ୍ବଳ ପାଇ ସମସ୍ତେ ଖୁସି ପ୍ରକାଶ କରିଥିଲେ।

# ବୃଦ୍ଧାଶ୍ରମକୁ ଆସବାବପତ୍ର ପ୍ରଦାନ

**ବଳରାମପୁର, ୨୬।୧୨(ସମିସ):** ବସ୍ତା ନିର୍ବାଚନ ମଣ୍ଡଳୀ ବାଲିକୁଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଛଡ଼ା ଛଡା ଗ୍ରାମରେ ଅବସ୍ଥିତ ଶ୍ରଦ୍ଧା ବୃଦ୍ଧାଶ୍ରମରେ ବିଜେଡି ନେତା ତୁଷାରକାନ୍ତ ବେହେରାଙ୍କ ଦ୍ୱାରା ସମସ୍ତ ବୃଦ୍ଧବୃଦ୍ଧାଙ୍କୁ ରେଜେଇ, ମଶାରୀ, ମସିଣା, ବେଡ଼ସିଟ, ତକିଆ ଓ ଅନ୍ୟାନ୍ୟ ଆସବାବପତ୍ର ପ୍ରଦାନ କରାଯାଇଛି। ଏହି ଆଶ୍ରମରେ ୯ଜଣ ଅସହାୟ ବୃଦ୍ଧ ବୃଦ୍ଧା ରହୁଥିବା ବେଳେ ଗ୍ରାମ ତରଫରୁ ଏହି ଆଶ୍ରମ ପାଇଁ ଏକ ଜମି ପ୍ରଦାନ କରାଯାଇଛି, ସେଠାରେ କିପରି ଆଶ୍ରମ କୋଠରୀ ତିଆରି ହୋଇପାରିବ ସେ ଦିଗରେ ସହଯୋଗ କରିବେ ବୋଲି ମଧ୍ୟ ଶ୍ରୀ ବେହେରା ପ୍ରତିଶ୍ରୁତି ଦେଇଛନ୍ତି। ଆଶ୍ରମର ମୁଖ୍ୟ ତପସ୍ୱିନୀ କର ଶୀତରୁ ରକ୍ଷା ପାଇଁ ବୃଦ୍ଧ ବୃଦ୍ଧା ସାହାଯ୍ୟ କରିଥିବାରୁ ଶ୍ରୀ ବେହେରାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ତୁଳସୀ ପୂଜନ ଦିବସ

**ଖଇରା, ୨୬।୧୨(ସମିସ):** ସ୍ୱାମୀ ବିବେକାନନ୍ଦ ସେବା ସଂସ୍ଥାନ ଆନୁକୂଲ୍ୟରେ ସଂଗଠନର ଖଇରା ଆଞ୍ଚଳିକ କାର୍ଯ୍ୟାଳୟରେ ତୁଳସୀ ପୂଜନ ଦିବସ ସଂସ୍ଥାର ମୁଖ୍ୟ ସତ୍ୟବ୍ରତ ନାରାୟଣ ବେହେରାଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ତୁଳସୀ ଚଉରାରେ ଜଳପ୍ରଦାନ ସହ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବାବା ପ୍ରହଲ୍ଲାଦ ଦାସ ସନାତନ ଧର୍ମରେ ତଥା ହିନ୍ଦୁ ସଂସ୍କୃତିରେ ତୁଳସୀ ପୂଜାର ବିଧି ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସୁକାନ୍ତି ନାୟକ, ଆରତି ବେହେରା, କୁମମଣି ଦେଇ, ତୁଳସୀ ଶତପଥୀ ପ୍ରମୁଖଙ୍କ ଦ୍ୱାରା ତୁଳସୀ ପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବୈକୁଣ୍ଠ ପ୍ରସାଦ ବେହେରା, ନୃସିଂହ ସେନାପତି, ମନୋରଞ୍ଜନ ବେହେରା, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ପରଲୋକ

**ସୋର, ୨୬।୧୨(ସମିସ):** ସୋର ବ୍ଲକ ତଳନଗର ପଞ୍ଚାୟତ ହାବେଳୀ ଗଣ୍ଡତରା ଗ୍ରାମର ବିଶିଷ୍ଟ ଶିକ୍ଷାବିତ, ସମାଜସେବୀ, ବହୁ ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ବର୍ଷୀୟାନ ନାଗରିକ ଅନାଦି ଚରଣ ପଲେଇଙ୍କର ୮୦ ବର୍ଷ ବୟସରେ ହୃଦଘାତରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ପଲେଇ ତଳନଗର କଲେଜ, ଶିଶୁ ମନ୍ଦିର, ୟୁପି ସ୍କୁଲ, ହାଇସ୍କୁଲ, ସହ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ସହ ପରିଚାଳନା କମିଟିର ସଦସ୍ୟ ରହି ଆସିଥିଲେ। ଏହା ସହିତ ନିଜ ଅଞ୍ଚଳରେ ଗଢି ଉଠିଥିବା ବହୁ ଦେବାଦେବୀ ମନ୍ଦିର ଗୁଡିକୁ ତୋଳିବାରେ ସର୍ବଦା ନେତୃତ୍ୱ ନେଇ ଅଗ୍ରଜ ଭୂମିକା ନିର୍ବାହ କରିଥିଲେ। ସୋର ସତ୍ୟସାଇ ସେବା ସମିତିର ଜଣେ ସକ୍ରିୟ ସଦସ୍ୟ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ତଳନଗର କଲେଜ ସହ ବହୁ ଶିକ୍ଷା ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ, ସତ୍ୟସାଇ ସେବା ସମିତିର ଭାଇଭଉଣୀମାନେ ତାଙ୍କ ବାସଭବନକୁ ଯାଇ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର, ପୁତ୍ରବଧୂ ନାତି ନାତୁଣୀ ଉପସ୍ଥିତ ଥିଲେ।

# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ସିମୁଳିଆ, ୨୬।୧୨(ସମିସ):** ସିମୁଳିଆ ବ୍ଲକ ଅଣ୍ଡରାଇ ପଞ୍ଚାୟତର ଶେରପୁରଠାରେ ବଟ ହନୁମାନ କ୍ରିକେଟ ପଡ଼ିଆରେ ଚାଲିଥିବା ବଟ ହନୁମାନ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ଖେଳରେ ବାସୁଦେବପୁରର ଶ୍ରୀ ଗଣେଷ କ୍ଲବ କ୍ରିକେଟ ଦଳ ମଧୁସୁଦନପୁର କ୍ରିକେଟ ଟିମ ସୋରକୁ ହରାଇ ଚାମ୍ପିଅନ ହୋଇଛି। ବଟ ହନୁମାନ କ୍ରିକେଟ କ୍ଲବ ପକ୍ଷରୁ ସଭାପତି ଜୟନ୍ତ କୁମାର ନାୟକ ଓ ସମ୍ପାଦକ ଶ୍ରୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଦେବାନନ୍ଦ ଦାସ ଓ ସମିତିସଭ୍ୟ ଉତ୍ତମ କୁମାର ମହାନ୍ତି, ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଅର୍ଥରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ସଦସ୍ୟ ମନୋଜ ମହାଲିକ, ମନୋଜ ମହାନ୍ତି, ସୋନୁ ମହାନ୍ତି, ଭକ୍ତହରି ନାୟକ, ପାପାନି ନାୟକ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।



# କର୍କଟ ପୀଡ଼ିତାଙ୍କୁ ସହାୟତା ପ୍ରଦାନ

**ସୋର, ୨୬।୧୨(ସମିସ):**



ପବିତ୍ର ବଡଦିନ ଅବସରରେ ପୂଜ୍ୟପୂଜା ସଂସଦ ସେବା ସଂଗଠନ ତରଫରୁ ଅନନ୍ତପୁର ପଞ୍ଚାୟତ ଜେନା ସାହିରେ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ଜଣେ ମହିଳାଙ୍କୁ ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ଗ୍ରାମର ଦେବେନ୍ଦ୍ର ଜେନାଙ୍କ ସ୍ତ୍ରୀ ଭାରତୀ ଜେନା ୧ ବର୍ଷରୁ ଅଧିକ ଦିନ ହେବ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ତେବେ ଦେବେନ୍ଦ୍ରଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ପୂଜ୍ୟପୂଜା ସଂସଦ ସେବା ସଂଗଠନ ନିକଟରେ ଯଥା ସମ୍ଭବ ସାହାଯ୍ୟ କରିବା ପାଇଁ ନିବେଦନ କରିଥିଲେ। ଏହାକୁ ଉପଲବ୍ଧି କରି ଆଜି ସଂସଦର ସମସ୍ତ ସଭ୍ୟ ସଭ୍ୟାମାନେ ବଡଦିନ ଖର୍ଚ୍ଚରୁ କିଛି କିଛି ବାହାର କରି ଭାରତୀଙ୍କୁ ୧୨ ହଜାର ଟଙ୍କା ପ୍ରଦାନ କରିଥିଲେ। ସଂଗଠନର ସମ୍ପାଦକ ଅଜୟ ଦାସ କହନ୍ତି 'ସାହାଯ୍ୟ ମଣିଷର ଗୋଟିଏ ଗୁଣ' ଏବଂ ଆଗକୁ ଅନେକ ଅସହାୟ ଗରିବ ରୋଗୀଙ୍କୁ ସହାୟତା ପ୍ରଦାନ କରିବାକୁ ଆମ ସଂଗଠନ ପ୍ରସ୍ତୁତ ଅଛି ବୋଲି ପ୍ରକାଶ କରିଥିଲେ। ସଂସଦର ଏମିତି କାର୍ଯ୍ୟକୁ ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ କର ପ୍ରଶଂସା କରିବା ସହିତ ସମସ୍ତଙ୍କୁ ଅନନ୍ତପୁର ପଞ୍ଚାୟତ ତରଫରୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ସମୟରେ ସଂସଦର ସଭାପତି ଅକ୍ଷୟ କର, ଭଗବାନ ପଣ୍ଡା, ଶିକ୍ଷକ ମାନସ ରଞ୍ଜନ ପାଣିଗ୍ରାହୀ, ଶିକ୍ଷକ ଭରତ ଚନ୍ଦ୍ର ସାହୁ, ଭଗବାନ ଦାସ, ପ୍ରଦୀପ ସାମଲ, ସୁକାନ୍ତି ସାହୁ, କଜ୍ଜଳତା ସେଠୀ, ମାନସି ପଲେଇ, ମିନତୀ ପଣ୍ଡା, ଗୌତମ କର, ଚମ୍ପା ଦିଦି, ରଶ୍ମି ପ୍ରଭା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

